**ସଂକ୍ଷେପରେ**

## ଡିଜେଲ ଟ୍ୟାଙ୍କର ଓଲଟିଲା, ୨ ଆହତ



**ଜି.ଉଦୟଗିରି,୨୪।୧(ଡି.ଏନ.ଏ.):** ଜି.ଉଦୟଗିରି ନିକଟସ୍ଥ ପଣସବାଙ୍କିଠାରେ ଗୁରୁବାର ଅପରାହ୍ନରେ ଏକ ଡିଜେଲ ଟ୍ୟାଙ୍କର ଅଟୋକୁ ବଞ୍ଚାଇବାକୁ ଯାଇ ରାସ୍ତା କଡକୁ ଓଲଟି ପଡିଛି। ଏଥିରେ ଚାଳକ ଅକ୍ଷୟ ବେହେରା ଏବଂ ହେଲପର ପ୍ରଦୀପ ବେହେରା ଆହତ ହୋଇଛନ୍ତି। ସେମାନଙ୍କୁ ଜି.ଉଦୟଗିରି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଛି। ଟ୍ରକଟି ଜଟଣୀରୁ ରାୟଗଡା ଯାଉଥିବା ଚାଳକ କହିଛନ୍ତି। ଘଟଣାସ୍ଥଳରେ ଜି.ଉଦୟଗିରି ଦମକଳ ଗାଡି ପହଞ୍ଚି ନିଆଁ ଲାଗିଯିବା ଆଶଙ୍କା କରି ପାଣି ସ୍ପ୍ରେ କରିଥିଲା। ଡିଜେଲ ଟ୍ୟାଙ୍କର ଓଲଟିଥିବା ଦେଖି ଲୋକେ ଡିଜେଲ ବୋହିବାରେ ଲାଗିଥିଲେ। ଜି.ଉଦୟଗିରି ପୋଲିସ ଘଟଣାସ୍ଥଳରେ ପହଞ୍ଚି ଲୋକମାନଙ୍କୁ ଘଉଡାଇବା ସହ ଗାଡି ଉଠାଇବା ବ୍ୟବସ୍ଥା କରିଥିବା ଥାନାଧିକାରୀ କହିଛନ୍ତି।

## ବିଦ୍ୟାଳୟ ବାର୍ଷିକ ଉତ୍ସବ



**ଫୁଲବାଣୀ ଅଫିସ, ୨୪।୧:** ଫିରିଙ୍ଗିଆ ବ୍ଲକ ଲୁଇସିଂ ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ ଫୁଲବାଣୀ ବିଧାୟକ ଦୁଗୁନୀ କହଁର, ମୁଖ୍ୟବକ୍ତା ଜିଲା ପରିଷଦ ଉପାଧକ୍ଷା ସାରତୀ ମଲ୍ଲିକ, ସମ୍ମାନିତ ଅତିଥି ଭାବେ ବ୍ଲକ ଉପାଧକ୍ଷା ସସ୍ମିତା ଦିଗାଲ, ପାହିରାଜୁ ସମିତି ସଭ୍ୟ ସୁଦର୍ଶନ କହଁର, ଲୁଇସିଂ ସରପଞ୍ଚ କୁମାରୀ କହଁର, ବିଇଓ ବିନୋଦ ବିହାରୀ ଦିଗାଲ ପ୍ରମୁଖ ଯୋଗଦେଇ ଛାତ୍ରୀଛାତ୍ରମାନଙ୍କୁ ଚରିତ୍ରବାନ୍ ସହ ଭଲ ମଣିଷ ହେବା ପାଇଁ ଆହ୍ୱାନ ଦେଇଥିଲେ। ଏହି ଅବସରରେ ନେତାଜୀ ସୁଭାଷ ଚନ୍ଦ୍ର ବୋଷ, ବୀର ସୁରେନ୍ଦ୍ର ସାଏଙ୍କ ସ୍ମୃତିଚାରଣ ସହ ବିଦ୍ୟାଳୟର ଶୈକ୍ଷିକ ଓ ସହଶୈକ୍ଷିକ ଦିଗର କୃତିତ୍ୱ ଉପରେ ଆଲୋକପାତ କରାଯାଇଥିଲା। ବରିଷ୍ଠ ଶିକ୍ଷକ ପ୍ରଭାକର ସାମଲ ବାର୍ଷିକ ବିବରଣୀ ପାଠ କରିଥିଲେ। ଶୈକ୍ଷିକ ଓ ସହଶୈକ୍ଷିକ ଦିଗରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରୀଛାତ୍ର ପୁରସ୍କୃତ ହୋଇଥିଲେ। ପ୍ରଧାନଶିକ୍ଷକ ମଦନ କହଁର ଧନ୍ୟବାଦ ଦେଇଥିଲେ।

### ଘାଟିରେ ମିନିଟ୍ରକ୍ ଓଲଟିବା ଘଟଣା

# ମୃତକଙ୍କ ପରିବାରକୁ ମିଳିଲା ସହାୟତା

**ଦାରିଙ୍ଗବାଡ଼ି,୨୪।୧(ଡି.ଏନ.ଏ)**

ଦାରିଙ୍ଗବାଡ଼ି ବ୍ଲକ ବ୍ରାହ୍ମଣୀଗାଁ ଥାନା ବଙ୍ଗରଦୁଆ ଘାଟିରେ ମଙ୍ଗଳବାର ମିନିଟ୍ରକ ଓଲଟି ୧୦ ଜଣଙ୍କ ମୃତ୍ୟୁ ଘଟିଥିବା ବେଳେ ୩୫ ଜଣ ଗୁରୁତର ଆହତ ହୋଇଥିଲେ। ମୃତକଙ୍କ ପରିବାରକୁ ୨ ଲକ୍ଷ ଲେଖାଏ ଟଙ୍କା ଅନୁକମ୍ପାମୂଳକ ସହାୟତା ଓ ଆହତମାନଙ୍କୁ ମାଗଣାରେ ଚିକିତ୍ସା ଯୋଗାଇ ଦିଆଯିବ ବୋଲି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଘୋଷଣା କରିଥିଲେ। ସେହି ଅନୁଯାୟୀ ଗୁରୁବାର କନ୍ଧମାଳ ଜିଲାପାଳଙ୍କ କାର୍ଯ୍ୟାଳୟ ଜରୁରିକାଳୀନ ବିଭାଗର ସେକସନ୍ ଅଧିକାରୀ ସନ୍ତୋଷ କୁମାର ପଟ୍ଟନାୟକ ଦାରିଙ୍ଗବାଡ଼ି ବ୍ଲକ ଏବଂ ତହସିଲ କାର୍ଯ୍ୟାଳୟରେ ପହଞ୍ଚି ମୃତକଙ୍କ ପରିବାର ଲୋକଙ୍କୁ ୨ଲକ୍ଷ ଲେଖାଏ ଟଙ୍କାର ଚେକ୍ ପ୍ରଦାନ କରିଛନ୍ତି। ତେବେ ୫ ଜଣଙ୍କୁ ଏହି ସହାୟତା ଦିଆଯାଇଛି। ଅନ୍ୟ ୫ ମୃତକଙ୍କ ପରିବାର ଲୋକେ ଅନୁପସ୍ଥିତ ଥିବାରୁ ସେମାନଙ୍କ ଚେକ୍‌ଗୁଡ଼ିକ ତହସିଲଦାରଙ୍କ କାର୍ଯ୍ୟାଳୟରେ ରଖାଯାଇଛି। ପରବର୍ତ୍ତୀ ସମୟରେ ଏହା ଦିଆଯିବ। ତାଲୁଙ୍ଗିଆ ପଞ୍ଚାୟତ କଲିଙ୍ଗି ଗ୍ରାମର ମୃତ ଲିଜାରାଣୀ ପ୍ରଧାନ ଏବଂ ତାଙ୍କ ମା' କୁଞ୍ଜଲତାଙ୍କ ମୃତ୍ୟୁ ବାବଦରେ ୪ ଲକ୍ଷର ଚେକ୍ ଏବଂ ଜିଲା ପ୍ରଶାସନ ପକ୍ଷରୁ ରେଡକ୍ରସ ପାଣ୍ଠିରୁ ୨୫ ହଜାର ଟଙ୍କା କୁଞ୍ଜଲତାଙ୍କ ସ୍ୱାମୀ ଶରତ ପ୍ରଧାନ ଗ୍ରହଣ କରିଥିଲେ। ସେହିପରି ସୁଲୁମାହା ଗ୍ରାମର ମୃତକ ମହିଳା ପ୍ରମିଳା ଛାଟିଆ, ଗଦାପୁରର ଦୀପକ ନାୟକ ଏବଂ ହାତିମୁଣ୍ଡା ପଞ୍ଚାୟତର ମୃତକ ମସିୟା ପାଲଟାସିଂଙ୍କ ପରିବାର ଲୋକଙ୍କୁ ମଧ୍ୟ ୨ ଲକ୍ଷ ଲେଖାଏ ଟଙ୍କାର ଚେକ୍ ପ୍ରଦାନ କରାଯାଇଛି। ସୂଚନାଯୋଗ୍ୟ, ଘଟଣା ଦିନ ୬ ମୃତକଙ୍କ ପରିବାରଙ୍କୁ ରେଡକ୍ରସ ପାଣ୍ଠିରୁ ୨୫ ହଜାର ଏବଂ ହରିଶ୍ଚନ୍ଦ୍ର ଯୋଜନାରେ ୨ହଜାର ଲେଖାଏ ଟଙ୍କା ଦିଆଯାଇଥିଲା। ୪ଜଣଙ୍କ ବ୍ରହ୍ମପୁର ସ୍ୱାସ୍ଥ୍ୟକେନ୍ଦ୍ରରେ ମୃତ୍ୟୁ ହୋଇଥିବାରୁ ସେମାନଙ୍କ ମୃତଦେହ ବ୍ୟବଚ୍ଛେଦ ହୋଇ ବିଳମ୍ବିତ ରାତିରେ ପହଞ୍ଚିଥିଲା। ତେଣୁ ଉକ୍ତ ଦିନ ରେଡକ୍ରସ ପାଣ୍ଠିରୁ ଅନୁଦାନ ମିଳି ନ ଥିଲା। ସେଗୁଡ଼ିକ ଏବେ ତାଙ୍କ ପରିବାର ଲୋକଙ୍କୁ ଦିଆଯାଉଥିବା ଜରୁରିକାଳୀନ ବିଭାଗ ଅଧିକାରୀ ପଟ୍ଟନାୟକ କହିଛନ୍ତି।



ମୃତକଙ୍କ ପରିବାର ଲୋକଙ୍କୁ ୨ଲକ୍ଷ ଟଙ୍କାର ସହାୟତା ରାଶି ପ୍ରଦାନ କରାଯାଉଛି।

# ଅନ୍ତର୍ଜାତୀୟ ଶିକ୍ଷା ଦିବସ ପାଳିତ




ଛାତ୍ରୀମାନେ ଶୋଭାଯାତ୍ରରେ ଯାଉଛନ୍ତି।

**ଫୁଲବାଣୀ ଅଫିସ, ୨୪।୧**

କ.ନୂଆଗାଁ ବ୍ଲକ ବନ୍ଧଗଡଠାରେ ଅନ୍ତର୍ଜାତୀୟ ଶିକ୍ଷା ଦିବସ ପାଳିତ ହୋଇଯାଇଛି। ସ୍ୱାତୀ ଓ ସେଭ୍ ଦି ଚିଲଡ୍ରେନ୍ ସହାୟତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମକୁ ସ୍ଥାନୀୟ ଦିୟାଭ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ବିଜୟ କୁମାର ସାହୁ ଉଦ୍‌ଘାଟନ କରିବା ସହିତ ସାଂପ୍ରତିକ ସମାଜରେ ଶିକ୍ଷାର ସ୍ଥିତି ବିଷୟରେ ବିଶଦ ଆଲୋଚନା କରିଥିଲେ। ସମାଜରେ ଶାନ୍ତି ପ୍ରତିଷ୍ଠା ଓ ବିକାଶ ପାଇଁ ଶିକ୍ଷା ଏକମାତ୍ର ଅସ୍ତ୍ର। ଶିକ୍ଷା ମାଧ୍ୟମରେ ସମସ୍ତ ପ୍ରକାରର ଉନ୍ନତିମୂଳକ କାର୍ଯ୍ୟ ସମ୍ଭବ ବୋଲି ସ୍ୱାତୀର କର୍ମୀ ସର୍ବେଶ୍ୱର ସାହୁ ନିଜ ଅଭିଭାଷଣରେ କହିଥିଲେ। ଏହି ଅବସରରେ ଦିୟାଭ ଉଚ୍ଚ ବିଦ୍ୟାଳୟ ସମେତ ବନ୍ଧଗଡ, ତଳଦଣ୍ଡିକିଆ ଓ ରତଙ୍ଗ ପଞ୍ଚାୟତର ବିଭିନ୍ନ ବିଦ୍ୟାଳୟର ଶତାଧିକ ଛାତ୍ରଛାତ୍ରୀ ଏକ ଶୋଭାଯାତ୍ରାରେ ବାହାରି ଜନସାଧାରଣଙ୍କୁ ଶିକ୍ଷା ସମ୍ପର୍କରେ ସଚେତନ କରିଥିଲେ। ପରେ ଛାତ୍ରୀଛାତ୍ରମାନଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା ହୋଇଥିଲା। କୃତୀ ଛାତ୍ରୀଛାତ୍ରୀମାନଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ଫିରିଙ୍ଗିଆ ବ୍ଲକ୍ ଶିକ୍ଷାଧିକାରୀ ବିନୋଦ ବିହାରୀ ଦିଗାଳ ଛାତ୍ରଛାତ୍ରୀ ମାନଙ୍କୁ ଉତ୍ସାହିତ କରିଥିଲେ। ସରସ୍ୱତୀ ବିନ୍ଧାଣି, ପ୍ରଣବ ମୁଖୀ, ଅଶ୍ୱିନୀ ନାୟକ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ଅର୍ଚ୍ଚନା ହେମ୍ବ୍ରମ୍, ମାଳତୀ ପ୍ରଧାନ, ସତ୍ୟ ପ୍ରସାଦ କର୍ଣ୍ଣ, ରଞ୍ଜନ ଦିଗାଳ ପ୍ରମୁଖ ସହଯୋଗ କରିଥିଲେ।

# ଲିଙ୍ଗାଗଡ଼ରେ ଉଜ୍ଜ୍ୱଳା ସ୍ୱାଭିମାନ କାର୍ଯ୍ୟକ୍ରମ

**ରାଇକିଆ,୨୪।୧(ଡ଼ି.ଏନ.ଏ)**

ଜି.ଉଦୟଗିରି ବ୍ଲକ ଲିଙ୍ଗାଗଡ଼ ପଞ୍ଚାୟତ ବେଟିକଲାଠାରେ ବୁଧବାର ଉଜ୍ଜଳା ସ୍ୱାଭିମାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କେନ୍ଦ୍ର ସରକାରଙ୍କ ଉଜ୍ଜଳା ଯୋଜନାର ସଫଳତାକୁ ନେଇ ଏହି କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ଉଜ୍ଜ୍ୱଳା ଓ ସୁରକ୍ଷିତ ଏଲପିଜି ବ୍ୟବହାର ସମ୍ବନ୍ଧରେ ଭିଡ଼ିଓ ପ୍ରଦର୍ଶନ କରାଯିବା ସହ ଦିଲ୍ଲୀରୁ କେନ୍ଦ୍ର ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଏବଂ ମେନକା ଗାନ୍ଧୀଙ୍କ ଦ୍ୱାରା ଟେଲି କନଫରେନ୍ସର ସିଧା ପ୍ରସାରଣ କରାଯାଇଥିଲା। ଉଜ୍ଜଳାର ସୁଫଳ ପାଇଥିବା ମହିଳା ନେତ୍ରୀମାନେ ସେମାନଙ୍କ ଅନୁଭୂତି ବାଣ୍ଟିଥିଲେ। ରାଇକିଆ ଓ ଜି.ଉଦୟଗିରି ବ୍ଲକରେ ଉଜ୍ଜ୍ୱଳା ଯୋଜନାରେ ମୋଟ ୧୬ ହଜାରରୁ ଊର୍ଦ୍ଧ୍ୱ ଗ୍ୟାସ ସଂଯୋଗ ଦିଆଯାଇଥିବା ବିତରକ ସଂସ୍ଥା ପକ୍ଷରୁ କୁହାଯାଇଥିଲା। କୌଣସି କାରଣରୁ ଯେଉଁମାନେ ନୂଆ ସଂଯୋଗ ପାଇନାହାନ୍ତି, ସେମାନେ ପୁଣି ଥରେ ଆବେଦନ କରିବାକୁ ବ୍ୟବସ୍ଥା କରାଯାଇଥିଲା। ଏଚପିସିଏଲର ପ୍ଲାଣ୍ଟ ମ୍ୟାନେଜର ଅନିଲ ତ୍ରିପାଠୀ, ଦକ୍ଷିଣାଞ୍ଚଳ ନୋଡ଼ାଲ ଅଫିସର ବିକ୍ରମ ସିଂ, ବିଷ୍ଣୁ ପ୍ରସାଦ କର, ନବରତ୍ନ ଗ୍ୟାସ ବିତରକ ମୁଖ୍ୟ ପରିଚାଳକ ରାଜେନ୍ଦ୍ର ପାଳ ଏବଂ ମାନ ଗୋବିନ୍ଦ ପ୍ରଧାନ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ। ବହୁ ମହିଳା ଏଥିରେ ଯୋଗ ଦେଇଥିଲେ।



କାର୍ଯ୍ୟକ୍ରମରେ ଉପସ୍ଥିତ ମହିଳା ଏବଂ ଅତିଥିମାନେ।

## ରଷିମାଳ କଲେଜ ବାର୍ଷିକ କ୍ରୀଡ଼ା ଉତ୍ସବ

**ଦାରିଙ୍ଗବାଡ଼ି/ବ୍ରାହ୍ମଣୀଗାଁ, ୨୪।୧(ଡି.ଏନ.ଏ)**

ଦାରିଙ୍ଗବାଡ଼ି ବ୍ଲକ ବ୍ରାହ୍ମଣୀଗାଁ ଠାରେ ଥିବା ରଷିମାଳ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଏବଂ ଡିଗ୍ରୀ କଲେଜର ବାର୍ଷିକ କ୍ରୀଡ଼ା ଉତ୍ସବ ମିଳିତ ଭାବେ ଅନୁଷ୍ଠିତ ହୋଇଛି। ଏହାକୁ ଅଧକ୍ଷ ଦେବରାଜ ବଳିଆର ସିଂ ମୁଖ୍ୟଅତିଥି ଭାବେ ଯୋଗଦେଇ ଉଦଘାଟନ କରିଥିଲେ। ଡିଗ୍ରୀ କଲେଜ ଅଧକ୍ଷ ଭାସ୍କର ଚରଣ ନାୟକ ମୁଖ୍ୟବକ୍ତା ଭାବେ ଯୋଗଦେଇ ସ୍ୱାସ୍ଥ୍ୟ ପାଇଁ କ୍ରୀଡ଼ା ଏକ ସମ୍ପତ୍ତି ବୋଲି କହିଥିଲେ। ଏଥିରେ ଛାତ୍ରୀଛାତ୍ରଙ୍କ ମଧ୍ୟରେ ବିଭିନ୍ନ କ୍ରୀଡ଼ା ପ୍ରତିଯୋଗିତା ହୋଇଥିଲା। ଶୁକ୍ରବାର ଏହାର ଉଦଯାପନୀ ହେବ। ଖେଳ ଶିକ୍ଷକ ରବିନାରାୟଣ ପାଢ଼ୀ ପ୍ରତିଯୋଗିତା ପରିଚାଳନା କରିଥିଲେ। ତାଙ୍କୁ ଖେଳ ଶିକ୍ଷକ ସୁରେନ୍ଦ୍ର କୁମାର ଗୁରୁ, ତାଲୁଙ୍ଗିଆ ହାଇସ୍କୁଲର ଲୋକନାଥ ମହାକୁଡ଼, ଝିଞ୍ଜିରିଗୁଡ଼ା ବିଦ୍ୟାଳୟର ଖେଳ ଶିକ୍ଷକ କୈଳାସ ଚନ୍ଦ୍ର ଖମାରୀ, କସବସା ହାଇସ୍କୁଲର ପ୍ରକାଶ ଚନ୍ଦ୍ର ମହାରଣା, କାଟିଙ୍ଗିଆ ହାଇସ୍କୁଲର ରବୀନ୍ଦ୍ରନାଥ ହୋତା, ଦଣ୍ଡପାଣି ଭୂୟାଂ, ମିଳନ ବେହେରାପାତ୍ର, ରାଜକିଶୋର ବଳିଆର ସିଂ, ଅକ୍ଷୟ ବେହେରଦଳାଇ ଓ ବସନ୍ତ ନାୟକ ପ୍ରମୁଖ ସହଯୋଗ କରିଥିଲେ।

# ବିଭିନ୍ନ ସଙ୍ଗଠନ ତରଫରୁ ନୀରବ ପ୍ରାର୍ଥନା

**ରାଇକିଆ,୨୪।୧(ଡ଼ି.ଏନ.ଏ)**

ଦାରିଙ୍ଗବାଡି ବ୍ଲକ ବ୍ରାହ୍ମଣୀଗାଁ ଅଞ୍ଚଳରେ ମଙ୍ଗଳବାର ଘଟିଥିବା ମର୍ମନ୍ତୁଦ ଦୁର୍ଘଟଣାକୁ ନେଇ ରାଇକିଆର ବିଭିନ୍ନ ସଂଗଠନ ପକ୍ଷରୁ ଶୋକସଭା କରାଯାଇଛି। ରାଇକିଆ ଟାଉନହଲଠାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଆଶାର ଆଲୋକ ସଂଗଠନ, ସହରର ବୁଦ୍ଧିଜୀବୀ ଏବଂ ସଂଖ୍ୟାଲଘୁ ସଂପ୍ରଦାୟ ତରଫରୁ ଦୁର୍ଘଟଣାରେ ମୃତକଙ୍କ ଉଦ୍ଦେଶ୍ୟରେ ନୀରବ ପ୍ରାର୍ଥନା, ତାଙ୍କ ପରିବାର ବର୍ଗଙ୍କୁ ସମବେଦନା ଜଣାଯିବା ସହ କ୍ୟାଣ୍ଡେଲ ଜଳାଯାଇଥିଲା। ଯୁବ ବିଜେଡ଼ି ସଭାପତି ପ୍ରଦୀପ ପ୍ରଧାନ, ଜିଲା ସଂଖ୍ୟା ଲଘୁ ସଭାପତି ଜୟାନନ୍ଦ ନାୟକ, ବିଜୟ ପ୍ରଧାନ, ଅଭିମନ୍ୟୁ ପଣ୍ଡା, ସୁଦର୍ଶନ ବେହେରା, ମିନି ନାୟକ, ସଂଜୀବ ଦିଗାଳ, ଉମେଶ ଦିଗାଳ ଏବଂ ବହୁ ସଂଖ୍ୟାରେ ସ୍ଥାନୀୟ ଲୋକେ ସାମିଲ ହୋଇଥିଲେ।



ବିଭିନ୍ନ ସଂଗଠନ ପକ୍ଷରୁ ନୀରବ ପ୍ରାର୍ଥନା କରାଯାଉଛି।

# ଜୟାନନ୍ଦ କନ୍ଧମାଳ ସଂଖ୍ୟା ଲଘୁ ସେଲ୍ ସଭାପତି

**ରାଇକିଆ,୨୪।୧(ଡ଼ି.ଏନ.ଏ)**

କନ୍ଧମାଳ ଜିଲା ସଂଖ୍ୟାଲଘୁ ସେଲ ସଭାପତି ଭାବେ ଜୟାନନ୍ଦ ନାୟକଙ୍କୁ ସାଙ୍ଗଠନିକ ସ୍ତରରେ ନିଯୁକ୍ତି ମିଳିଛି। ବିଜେଡିର ଜଣେ ବରିଷ୍ଠ କର୍ମୀ ଭାବେ ଦୀର୍ଘବର୍ଷ ଧରି କାମ କରି ଆସୁଥିବାରୁ ନୂତନ ଦାୟିତ୍ୱ ମିଳିବା ପରେ ତାଙ୍କୁ ବିଭିନ୍ନ ମହଲରୁ ସମ୍ବର୍ଦ୍ଧନା ଦିଆଯାଇଛି। ଜିଲାର ସମସ୍ତ ବ୍ଲକରେ ଦଳ ଯେପରି ଭଲ ପ୍ରଦର୍ଶନ କରିବ ସେ ନେଇ କାମ କରିବେ ବୋଲି ଜୟାନନ୍ଦ ପ୍ରକାଶ କରିଛନ୍ତି। ଏଥିସହ ମୁଖ୍ୟମନ୍ତ୍ରୀ, ଜିଲା ପର୍ଯ୍ୟବେକ୍ଷକ, ଏମପି, ଜିଲା ସଭାପତି, ଓ ବିଧାୟକଙ୍କୁ ସେ କୃତଜ୍ଞତା ଜଣାଇଛନ୍ତି।

# ଜି.ଉଦୟଗିରିରେ ବିଜେଡି ନେତାଙ୍କ ବନ୍ଧୁମିଳନ



ବନ୍ଧୁମିଳନରେ ଉପସ୍ଥିତ ସଦସ୍ୟଗଣ।

**ଜି.ଉଦୟଗିରି,୨୪।୧(ଡି.ଏନ.ଏ.)**

ଜି.ଉଦୟଗିରି ନଗର ଓ ବ୍ଲକର ବରିଷ୍ଠ ବିଜେଡି କର୍ମକର୍ତ୍ତାଙ୍କୁ ନେଇ ଆମୋସ ନାୟକଙ୍କ ଅଧକ୍ଷତାରେ ଏକ ବୈଠକ ପଦାସାହି ଖେଳ ପଡିଆ ଠାରେ ବୁଧବାର ଅନୁଷ୍ଠିତ ହୋଇଥିଲା। ଆବାହକ ପି. ରାଜାରାଓ ପାତ୍ରଙ୍କ ଆବାହକତ୍ୱରେ ନଗର ଓ ବ୍ଲକର ଶତାଧିକ କର୍ମକର୍ତ୍ତା ଯୋଗ ଦେଇଥିଲେ। ବୈଠକରେ କନ୍ଧମାଳ ଏମ୍‌ପି ଓ ଜି.ଉଦୟଗିରି ବିଧାୟକ ପଦ ନିମନ୍ତେ ପଦ୍ମନାଭ ବେହେରା ଓ ସାଲୁଗା ପ୍ରଧାନଙ୍କ ନାମ ପ୍ରସ୍ତାବିତ ହୋଇଥିବା ସହ ଅସ୍ଥାୟୀ ଭାବେ ପି. ରାଜାରାଓ ପାତ୍ରଙ୍କୁ ନଗର ସଭାପତି ଓ ପି. ତ୍ରିନାଥଙ୍କୁ ବୈଠକ ସମ୍ପାଦକ ଚୟନ କରାଯିବା ଏବଂ ନଗର ସଭାପତି ପରିବର୍ତ୍ତନ ନିମନ୍ତେ ଦାବି ଉଠିଥିଲା। ତହସିଲ, ଏନଏସି, ବ୍ଲକ ଓ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଦୁର୍ନୀତି ତଥା ଅବ୍ୟବସ୍ଥାର ତଦାରଖ କରିବା ନିମନ୍ତେ ୧୨ଜଣିଆ କମିଟିଗଠନ କରାଯାଇଛି। ବୈଠକରେ ବିଜେଡି ବ୍ଲକ ସଭାପତି ସୀମାଞ୍ଚଳ ନାୟକ, ମାଧବ ସ୍ୱାଇଁ, ପ୍ରଫୁଲ ବଗର୍ତ୍ତୀ, ଭାଗବତ ଆର୍କାଲୀ, ପଞ୍ଚୁ ପ୍ରଧାନ, ନବିନ ନାୟକ, ଯୁବରାଜ ନାୟକ, ଜଗନ୍ନାଥ ସ୍ୱାଇଁ, ବସନ୍ତ ସାହୁ, ବିରସେନ ବେହେରା, ଅଗସ୍ତି ନାୟକ, ବଳରାମ ଡାକୁଆଙ୍କ ସମେତ ବହୁ ବରିଷ୍ଠ କର୍ମୀ ଯୋଗ ଦେଇଥିଲେ।

# ଜଳିଗଲା ଧାନଗଦା

**ରାଇକିଆ,୨୪।୧(ଡ଼ି.ଏନ.ଏ)**

ରାଇକିଆ ବ୍ଲକର ବଡ଼ାବାରବା ଗ୍ରାମରେ ଥିବା ଧାନଖଳାରେ ନିଆଁ ଲାଗିଯିବା ଯୋଗୁ ବହୁ ଧାନ ପୋଡ଼ି ନଷ୍ଟ ହୋଇଛି। ବୁଧବାର ଅପରାହ୍ନ ପ୍ରାୟ ୩ଟାରେ କୌଣସି କାରଣରୁ ଗୋଟିଏ ଧାନ ଗଦାରେ ନିଆଁ ଲାଗି ତାହା ଅନ୍ୟ ଗଦାକୁ ବ୍ୟାପି ଯାଇଥିଲା। ୩୫ କିମ ଦୂର ରାଇକିଆରୁ ଅଗ୍ନିଶମ ବାହିନୀ ପହଞ୍ଚିବା ବେଳକୁ ସମସ୍ତ ଧାନ ପୋଡ଼ି ଯାଇଥିଲା। ଗ୍ରାମବାସୀ ଚେଷ୍ଟା କରି ମଧ୍ୟ ନିଆଁକୁ ଆୟତ୍ତ କରିବାରେ ବିଫଳ ହୋଇଥିଲେ। ଅଗ୍ନିକାଣ୍ଡରେ ଜୟରାମ ପରିଡ଼ାଙ୍କର ୫, କୈଳାଶ ନାୟକଙ୍କର ୩, ପୂର୍ଣ୍ଣଚନ୍ଦ୍ର ବେହେରାଙ୍କର ୨, ନିଳାଦ୍ରୀ ମଲିକଙ୍କର ୧, ସନ୍ନ୍ୟାସୀ ପରିଡ଼ାଙ୍କର ୧, ବିଳାସ ନାୟକଙ୍କର ଗୋଟିଏ ଧାନ ଗଦା ପୋଡି ଯାଇଛି।

# ଟ୍ରାକ୍ଟର ଓଲଟି ଜଣେ ମୃତ, ଜଣେ ଗୁରୁତର

**ଶଙ୍କରାଖୋଲ, ୨୪।୧(ଡି.ଏନ୍.ଏ.)**

ସାରଙ୍ଗଗଡ଼ ଥାନା ଗୁଟିଙ୍ଗିଆଠାରୁ ୩ କିମି ଦୂର ବାଉଡ଼ିସରୁ ବୁଲାଣି ରାସ୍ତାରେ ଗୁରୁବାର ଏକ ଟ୍ରାକ୍ଟର ଭାରସାମ୍ୟ ହରାଇ ପ୍ରାୟ ୨୦ଫୁଟ ତଳକୁ ଖସି ପଡ଼ିବାରୁ ଜଣଙ୍କର ମୃତ୍ୟୁ ଘଟିଥିବା ବେଳେ ୨ ଜଣ ଆହତ ହୋଇଛନ୍ତି। ମୃତକ ହେଲେ ଶ୍ରମିକ ଶିଶିର ବିନ୍ଧାଣୀ। ଅନ୍ୟ ୨ ଆହତଙ୍କୁ ପ୍ରଥମେ ସାରଙ୍ଗଗଡ଼ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ସେମାନଙ୍କ ମଧ୍ୟରୁ ଶ୍ରମିକ ଶତଞ୍ଜୟ ପ୍ରଧାନଙ୍କ ଅବସ୍ଥା ଗୁରୁତର ହେବାରୁ ବ୍ରହ୍ମପୁର ବଡ଼ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି। ସୌଭାଗ୍ୟବଶତଃ ଅନ୍ୟ ୪ ଜଣ ବର୍ତ୍ତି ଯାଇଛନ୍ତି। ଚାଳକ ଜଣକ ଫେରାର୍ ଅଛନ୍ତି। ଏ ନେଇ ଏନେଇ ସାରଙ୍ଗଗଡ଼ ଥାନାରେ ନଂ.୨/୧୯ରେ ମାମଲା ରୁଜୁ କରାଯାଇ ତଦନ୍ତ ଚାଲିଥିବା ଏସ୍‌ଆଇ ରଶ୍ମିତା ସାମଲ କହିଛନ୍ତି। ପ୍ରକାଶ ଯେ, ଗାରିଡିଙ୍ଗିଆ ପଞ୍ଚାୟତ ମିଡ଼ିଆଗାଣ୍ଡା ଗ୍ରାମର ୭ ଶ୍ରମିକ ଟ୍ରାକ୍ଟରରେ ବାଲି ବୋଝେଇ କରିବାକୁ ଯାଉଥିବା ବେଳେ ଏହି ଦୁର୍ଘଟଣା ଘଟିଛି।




CLASSIFIED DISPLAY













MORE SPACE • SAME PRICE
CLASSIFIED DISPLAY
(On Tuesday & Friday All Orissa Edition)

| | SIZE | COLOR | B/W |
|---|---|---|---|
| For 15 insertions | 6 × 8 | 40,000 | 35,000 |
| 8 insertions in a month | 6 × 8 | 20,000 | 18,000 |
| 4 insertions in a month | 6 × 8 | 11,000 | 10,000 |
| Single day | 6 × 8 | 2,800 | 2,500 |

For Booking Contact:
Pusparaj-7894447148, Santosh-7894447131
Ajaya- 7894447165, Tapan- 7894447166
Bidyadhar- 7894447168 5% GST Applicable



## ସଂକ୍ଷେପରେ

### ସାଧାରଣତନ୍ତ୍ର ଦିବସ ପାଇଁ ପ୍ରତିଯୋଗିତା

**ଭଞ୍ଜନଗର,୨୪।୧(ଡି.ଏନ.ଏ):** ସାଧାରଣତନ୍ତ୍ର ଦିବସ ସନ୍ଧ୍ୟାରେ ସ୍ଥାନୀୟ ଜେଲ ପଡିଆରେ ଅଞ୍ଚଳର ବିଭିନ୍ନ ଅନୁଷ୍ଠାନର ଛାତ୍ରୀଛାତ୍ରଙ୍କୁ ନେଇ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହେବ। ଓଁ ସଙ୍ଗୀତ ଏକାଡେମୀ କାର୍ଯ୍ୟକ୍ରମ ଆୟୋଜନ କରୁଛି। ଉକ୍ତଦିନ ବିଭିନ୍ନ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯିବ। ଏନେଇ ଗୁରୁବାର ସ୍ଥାନୀୟ ଓଁ ସଙ୍ଗୀତ ଏକାଡେମୀ ପକ୍ଷରୁ ବିଭିନ୍ନ ପ୍ରତିଯୋଗିତା ହୋଇଥିଲା। ପ୍ରତିଯୋଗୀତା ଗୁଡିକୁ ଏକାଡେମୀର ସମ୍ପାଦକ ପ୍ରଦୀପ ସ୍ୱାଇଁ, ସନ୍ତୋଷ ସାହୁ, ଶୁଳପାଣି ଶତପଥୀ ପ୍ରମୁଖ ପରିଚାଳନା କରିଥିଲେ। ସେହିଭଳି ସ୍ଥାନୀୟ ଅଫିସର କ୍ଲବ ପକ୍ଷରୁ ମଧ୍ୟ ସାଧାରଣତନ୍ତ୍ର ଦିବସ ପାଇଁ ଛାତ୍ରୀଛାତ୍ରଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗୀତା ଅନୁଷ୍ଠିତ ହୋଇଯାଇଛି। ଉକ୍ତ ଛାତ୍ରୀଛାତ୍ରଙ୍କୁ ଅଫିସର କ୍ଲବରେ ସାଧାରଣତନ୍ତ୍ର ଦିବସ ଦିନ ସମ୍ମାନିତ କରାଯିବ। ସୁଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ମଧ୍ୟ ଛାତ୍ରୀଛାତ୍ରଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗୀତା ହୋଇଯାଇଛି। ଉକ୍ତ ଛାତ୍ରୀଛାତ୍ରଙ୍କୁ ଜେଲ ପଡିଆରେ ହେବାକୁ ଥିବା ଉପଖଣ୍ଡସ୍ତରୀୟ ପରେଡରେ ସମ୍ବର୍ଦ୍ଧିତ କରାଯିବ। ଉପଖଣ୍ଡ ସୁଚନା ଓ ଲୋକ ସମ୍ପର୍କ ବିଭାଗ ଅଧିକାରୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

### ଇ-ଲାଇବ୍ରେରିରେ କର୍ମଶାଳା

**ବ୍ରହ୍ମପୁର ଅଫିସ,୨୪।୧:** ବ୍ରହ୍ମପୁର ଟାଉନ୍‌ହଲ୍‌ସ୍ଥିତ ଇ-ଲାଇବ୍ରେରିରେ ଗୁରୁବାର ଏକ କର୍ମଶାଳା ଆୟୋଜିତ ହୋଇଥିଲା। ଓଡ଼ିଶା ସୋସାଇଟି ଅଫ୍ ଆମେରିକା ପ୍ରତିନିଧି ଶାଶ୍ୱତୀ ମହାପାତ୍ର ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିଲେ। 'ଇ-ଲାଇବ୍ରେରି ମାଧ୍ୟମରେ ନାରୀ ସଶକ୍ତୀକରଣ ଏବଂ ନେତୃତ୍ୱ ବିକାଶ' ଶୀର୍ଷକ ବିଷୟ ଉପରେ ସେ ତାଙ୍କର ବକ୍ତବ୍ୟ ରଖିଥିଲେ। ନାରୀମାନେ ଘର ଭିତରେ ନିଜକୁ ସୀମିତ ରଖିବା ଅନୁଚିତ। ସେମାନେ ନିଜ ପ୍ରତିଭାକୁ ପ୍ରମାଣିତ କରିବାକୁ ପଡ଼ିବ। ଅନ୍ୟମାନଙ୍କ ପାଇଁ ଆଦର୍ଶ ହେବାକୁ ପଡ଼ିବ । କେବଳ ପାଠ ପଢ଼ିଲେ ହେବନି । ଯୋଗାଯୋଗ ଦକ୍ଷତା ବିକାଶ କରିବାକୁ ହେବ। ତେବେ ହିଁ ନାରୀମାନେ ନିଜେ ସଶକ୍ତ ହେବା ସହ ସେମାନଙ୍କ ଭିତରେ ନେତୃତ୍ୱ ପ୍ରତିଭାର ବିକାଶ ହୋଇପାରିବ ବୋଲି କହିଥିଲେ। ଓଡ଼ିଶା ପବ୍ଲିକ ଇ-ଲାଇବ୍ରେରି ପରିଚାଳନା କମିଟି ଅଧକ୍ଷ ଡା. ବି. ନାଗେଶ୍ୱର ରାଓ ସୁବୁଦ୍ଧି ଏବଂ ସଦସ୍ୟ ରାମକୃଷ୍ଣ ଚୌଧୁରୀ ପ୍ରମୁଖ ପରିଚାଳନା କରିଥିଲେ ।

### ପ୍ରଶାସନିକ ଅଧିକାରୀଙ୍କ ବିୟୋଗ

**ବ୍ରହ୍ମପୁର ଅଫିସ,୨୪।୧:** ଗଞ୍ଜାମ ଜିଲା ଉପନିର୍ଦ୍ଦେଶକ(ଯୋଜନା ଏବଂ ପରିସଂଖ୍ୟାନ) ଅଲେଖ କୁମାର ସେଠୀ(୫୭)ଙ୍କ କଟକସ୍ଥିତ ଏକ ଘରୋଇ ହସ୍ପିଟାଲ୍‌ରେ ମୃତ୍ୟୁ ହୋଇଛି । ସେ ଦୀର୍ଘ ଦିନ ହେଲା ମଧୁମେହ ରୋଗରେ ଆକ୍ରାନ୍ତ ଥିଲେ । ତାଙ୍କ ଆକସ୍ମିକ ବିୟୋଗରେ ଗଞ୍ଜାମ ଜିଲାର ବହୁ ପ୍ରଶାସନିକ ଅଧିକାରୀ, ରାଜନୈତିକ ବ୍ୟକ୍ତିବିଶେଷ ଏବଂ ଛତ୍ରପୁରସ୍ଥିତ ଜିଲା କାର୍ଯ୍ୟାଳୟର କର୍ମଚାରୀମାନେ ଗଭୀର ଶୋକ ପ୍ରକାଶ କରିଛନ୍ତି।

## ■ ଗୁଣି ସନ୍ଦେହରେ ହତ୍ୟା ମାମଲା

# ୬ ବର୍ଷ ପରେ ଅଭିଯୁକ୍ତ ନିର୍ଦ୍ଦୋଷରେ ଖଲାସ

**ଘଟଣା ଦିନରୁ ଅନ୍ୟତମ ଅଭିଯୁକ୍ତ ଫେରାର**

**ବ୍ରହ୍ମପୁର ଅଫିସ,୨୪।୧**

ଗୁଣି ସନ୍ଦେହରେ ଜଣଙ୍କୁ ହତ୍ୟା ମାମଲାରେ ଗୁରୁବାର ବ୍ରହ୍ମପୁର ଏଡିଜେ-୧ ସଞ୍ଜୟ କୁମାର ସାହୁ ବିଚାର କରି ସମ୍ପୃକ୍ତ ଜଣେ ଅଭିଯୁକ୍ତଙ୍କୁ ପ୍ରମାଣ ଅଭାବରୁ ନିର୍ଦ୍ଦୋଷରେ ଖଲାସ କରିବା ପାଇଁ ଚୂଡ଼ାନ୍ତ ରାୟ ପ୍ରକାଶ କରିଛନ୍ତି । ମାମଲାରେ ୨୧ଜଣ ସାକ୍ଷୀଙ୍କ ସାକ୍ଷ୍ୟ ଗ୍ରହଣ କରାଯାଇଥିବା ବେଳେ ଉପଯୁକ୍ତ ପ୍ରମାଣ ଅଭାବରୁ ଅଭିଯୁକ୍ତ ସୁବାସ ଦାସଙ୍କୁ ଅଦାଲତ ନିର୍ଦ୍ଦୋଷରେ ଖଲାସ କରିଛନ୍ତି । ତେବେ ମାମଲାରେ ସମ୍ପୃକ୍ତ ଅନ୍ୟ ଜଣେ ଅଭିଯୁକ୍ତ ଭାଇ ରଞ୍ଜନ ଘଟଣା ଦିନଠାରୁ ଫେରାର ରହିଥିବା ବେଳେ ପୋଲିସ ଗିରଫ କରିପାରି ନ ଥିବା ଜଣାପଡିଛି ।

ପ୍ରକାଶ ଯେ, ବୈଦ୍ୟନାଥପୁର ଥାନା ଅଧୀନ ଜଳେଶ୍ୱରଖଣ୍ଡି ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ସମ୍ମୁଖରେ ହରିହର ଦାସ ନାମକ ଜଣେ ବ୍ୟକ୍ତି ସାଇକେଲ୍ ଦୋକାନ କରି ରହିଆସୁଥିଲେ । ୨୦୧୨ରେ ସେହି ଗ୍ରାମର ୨ ଯୁବକ କୌଣସି କାରଣରୁ ଅସୁସ୍ଥ ହୋଇ ମୃତ୍ୟୁବରଣ କରିଥିଲେ । ଗୁଣି କରି ହତ୍ୟା କରିଛନ୍ତି ବୋଲି ଅଭିଯୋଗ ଆଣି ୨୦୧୨ ମେ ୬ ତାରିଖ ବିଳମ୍ବିତ ରାତିରେ ଜଳେଶ୍ୱରଖଣ୍ଡି ଗ୍ରାମର ସୁବାସ ଓ ତାଙ୍କ ଭାଇ ରଞ୍ଜନ ହରିହରଙ୍କୁ ଠେଙ୍ଗାରେ ଆକ୍ରମଣ କରିଥିଲେ । ଠେଙ୍ଗା ମାଡ଼ରେ ତାଙ୍କ ମୁଣ୍ଡରୁ ପ୍ରଚୁର ରକ୍ତସ୍ରାବ ହୋଇଥିବା ବେଳେ ବ୍ରହ୍ମପୁର ବଡ ମେଡିକାଲରେ ତାଙ୍କର ମୃତ୍ୟୁ ଘଟିଥିଲା । ଘଟଣାକୁ ନେଇ ହରିହରଙ୍କ ସମ୍ପର୍କୀୟ ସୁଶାନ୍ତ ଦାସ ବୈଦ୍ୟନାଥପୁର ଥାନାରେ ଏତଲା ଦେଇଥିଲେ । ଏତଲାକୁ ଭିତ୍ତିକରି ନଂ. ୧୩୬/୧୨ରେ ଏକ ହତ୍ୟା ମାମଲା ରୁଜୁ କରି ତଦନ୍ତ ଚଳାଇଥିଲା । ତଦନ୍ତକାରୀ ଅଧିକାରୀ ଦୀପକ କୁମାର ମିଶ୍ର ସମ୍ପୃକ୍ତ ଜଣେ ଅଭିଯୁକ୍ତ ସୁବାସଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲେ । ମୁଦାଲାଙ୍କ ପକ୍ଷରୁ ବରିଷ୍ଠ ଆଇନଜୀବୀ କୈଳାସ ଚନ୍ଦ୍ର ପଣ୍ଡା ଓ କୈଳାସ ଚନ୍ଦ୍ର ପାଣିଗ୍ରାହୀ ମକଦ୍ଦମା ପରିଚାଳନା କରୁଥିଲେ ।

## ବିଭିନ୍ନ ପ୍ରକଳ୍ପର ଶିଳାନ୍ୟାସ, ଉଦ୍‌ଘାଟନ



ଏମ୍‌ପି ସିଦ୍ଧାନ୍ତ ମହାପାତ୍ର ଏକ ପ୍ରକଳ୍ପର ଉଦ୍‌ଘାଟନ କରୁଛନ୍ତି ।

**ପାତ୍ରପୁର,୨୪।୧(ଡି.ଏନ୍.ଏ.)**

ପାତ୍ରପୁର ବ୍ଲକ ଜୟନ୍ତିପୁର ଓ ବି.ନୂଆଗାଁ ପଞ୍ଚାୟତରେ ଗୁରବାର ବିଭିନ୍ନ ପ୍ରକଳ୍ପର ଉଦ୍‌ଘାଟନ ଓ ଶିଳାନ୍ୟାସ କରାଯାଇଛି । ସ୍ଥାନୀୟ ବିଧାୟିକା ତଥା ମନ୍ତ୍ରୀ ଉଷାଦେବୀ ଓ ବ୍ରହ୍ମପୁର ଏମ୍‌ପି ସିଦ୍ଧାନ୍ତ ମହାପାତ୍ର ଅତିଥି ଭାବେ ଯୋଗଦେଇ ଶିଳାନ୍ୟାସ ଓ ଉଦ୍‌ଘାଟନ କରିଥିଲେ। ମନ୍ତ୍ରୀ ଓ ଏମ୍‌ପିଙ୍କୁ ଜୟନ୍ତିପୁର ବସଷ୍ଟାଣ୍ଡଠାରୁ କର୍ମୀମାନେ ଶୋଭାଯାତ୍ରାରେ ଆଣିଥିଲେ। ଜୟନ୍ତିପୁର ପାନୀୟ ଜଳ ପ୍ରକଳ୍ପର ଶିଳାନ୍ୟାସ, ତେଲେଙ୍ଗାସାହି କଲ୍ୟାଣ ମଣ୍ଡପ, ନେତାଜୀ ପାଠାଗାର, ପଞ୍ଚାୟତ ଅଫିସ କାର୍ଯ୍ୟାଳୟ, ଦଳିତ ସାହି ମଣ୍ଡପ, ରାଜୀବ ଗାନ୍ଧି ସେବା କେନ୍ଦ୍ର, ୨ଟି ଅଙ୍ଗନୱାଡ଼ି କେନ୍ଦ୍ର ଗୃହ, ହାଇସ୍କୁଲର ଅତିରିକ୍ତ ଶ୍ରେଣୀଗୃହ, ତଳମୁହା ସାହି କଲ୍ୟାଣ ମଣ୍ଡପ, ଚିଡୁପୁଡି ଗ୍ରାମର କଲ୍ୟାଣ ମଣ୍ଡପ, ପାନୀୟ ଜଳ ଭଳି ବହୁ ପ୍ରକଳ୍ପର ଶିଳାନ୍ୟାସ କରିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ବ୍ଲକ ଅଧକ୍ଷା ଲକ୍ଷ୍ମୀ ବେହେରା, ଜିଲା ପରିଷଦ ସଭ୍ୟା ସାଗରିକା ସାହୁ, ସମିତି ସଭ୍ୟା ଆଇ. କମଳା, ସରପଞ୍ଚ ଭଗବାନ ସେଠୀ, ସଙ୍ଗଠକ ଧର୍ମା ରେଡ୍ଡୀଙ୍କ ସମେତ ବହୁ କର୍ମୀ ଯୋଗ ଦେଇଥିଲେ।

## ■ କେ.ନୂଆଗାଁ ଆଇଆଇସିଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି

# ଭାଜପା କର୍ମୀଙ୍କ ଡିଆଇଜିଙ୍କୁ ସ୍ମାରକପତ୍ର



ଭାଜପା ନେତୃବୃନ୍ଦ ଦକ୍ଷିଣାଞ୍ଚଳ ଡିଆଇଜିଙ୍କୁ ସ୍ମାରକ ପତ୍ର ପ୍ରଦାନ କରୁଛନ୍ତି ।

**ବ୍ରହ୍ମପୁର ଅଫିସ,୨୪।୧**

ଗଞ୍ଜାମ ଜିଲା କେ.ନୂଆଗାଁ ଥାନା ଆଇଆଇସିଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବିକରି ଭାଜପା ପକ୍ଷରୁ ଦକ୍ଷିଣାଞ୍ଚଳ ଡିଆଇଜିଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି । ଜିଲା ସଭାପତି କାହ୍ନୁଚରଣ ପତିଙ୍କ ନେତୃତ୍ୱରେ ଭାଜପା ନେତା ମନୋରଞ୍ଜନ ଦ୍ୟାନ୍ ସାମନ୍ତରାୟଙ୍କ ସମେତ ବହୁ ଦଳୀୟ ନେତୃବୃନ୍ଦ ଓ କର୍ମୀ ଡିଆଇଜି ଆଶିଷ ସିଂଙ୍କୁ ଭେଟି ଦସ୍ତଖତ ସମ୍ବଳିତ ସ୍ମାରକପତ୍ର ପ୍ରଦାନ କରିଛନ୍ତି।

ପ୍ରକାଶଯେ, ଗତ ୧୨ ସନ୍ଧ୍ୟାରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ପାତ୍ରପୁର ଗସ୍ତ ପୂର୍ବରୁ ପୋଷ୍ଟର ଚିରିବା ସହ ଏକ ପ୍ରଚାର ଗାଡିକୁ ଭଙ୍ଗାରୁଜା ଘଟଣାରେ କେ.ନୂଆଗାଁ ଥାନାରେ ମନୋରଞ୍ଜନ ଏବଂ ଜଣେ ଦଳିତ ମହିଳା ଏତଲା ଦେଇଥିଲେ । ହେଲେ କେ.ନୂଆଗାଁ ଆଇଆଇସି ଘଟଣାରେ କୌଣସି ପ୍ରକାର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ନ ଥିବାରୁ ଦଳ ପକ୍ଷରୁ ଏହାକୁ ସମାଲୋଚନା କରି ଡିଆଇଜିଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲା । ଉକ୍ତ ସ୍ମାରକପତ୍ର ପ୍ରଦାନ ସମୟରେ ସୁନୀଲ କୁମାର ସାହୁ, ଏମ୍.ଭେଙ୍କେଟ ରାଓ, ଧନୁ ଶବର, ସନ୍ତୋଷ କନମାର ପଟ୍ଟନାୟକ, ହରିହର ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ। ଅନ୍ୟପକ୍ଷରେ ଅଭିଯୋଗର ସତ୍ୟାସତ୍ୟ ଯାଞ୍ଚ କରାଯାଇ ମାମଲା ରୁଜୁ କରାଯାଇଥାଏ, କୌଣସି ଅଭିଯୁକ୍ତଙ୍କ ପ୍ରତି କୋହଳ ମନୋଭାବ ପୋଷଣ କରାଯାଇନାହିଁ ବୋଲି କେ.ନୂଆଗାଁ ଥାନା ଆଇଆଇସି ସୁଜିତ୍ ନାୟକ ନିଜ ପ୍ରତିକ୍ରିୟାରେ ଜଣାଇଛନ୍ତି ।

## ବୀମା ଏଜେଣ୍ଟ ସୁରକ୍ଷା ଦିବସ

**ଛତ୍ରପୁର,୨୪।୧(ଡି.ଏନ.ଏ.)**

ଛତ୍ରପୁର ସହାୟତା କେନ୍ଦ୍ରରେ ଜୀବନ ବୀମା ଏଜେଣ୍ଟ ସୁରକ୍ଷା ଦିବସ ପାଳିତ ହୋଇଯାଇଛି । ଏଥିରେ ଶାଖାର ସମସ୍ତ ଏଜେଣ୍ଟ ଯୋଗଦେଇଥିଲେ । ସଂଘ ସଭାପତି ଗୋପାଳକୃଷ୍ଣ ସେନାପତିଙ୍କ ଅଧ୍ୟକ୍ଷତାରେ ଏକ ସାଧାରଣ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟଅତିଥି ଭାବେ ଛତ୍ରପୁର ଶାଖାର ଏବିଏମ୍ ଚିତ୍ରସେନ ପରିଡା ଯୋଗଦେଇ ବକ୍ତବ୍ୟ ଦେଇଥିଲେ । ସଂଘ ସମ୍ପାଦକ ମନ୍ମଥ କୁମାର ପାଢୀ ସଂଯୋଜନା କରିଥିବା ବେଳେ ବିନାୟକ ସାହୁ ଧନ୍ୟବାଦ ଦେଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ଦୟାନିଧି ଦାଶ, ଭାସ୍କର ରାଓ, ରବୀନ୍ଦ୍ର ନାଥ ପଣ୍ଡା, ଡି. ଏସ୍. ରାଓ, ଖଲି ସାହୁ ଓ କାମେଶ୍ୱର ସାହୁ ପ୍ରମୁଖ ଉପସ୍ଥିତ ଥିଲେ ।

## ଗଞ୍ଜାମ ସୁରକ୍ଷା ମଞ୍ଚର ପ୍ରତିବାଦ ସଭା

**ଗଞ୍ଜାମ,୨୪।୧(ଡି.ଏନ.ଏ.)**

ଗଞ୍ଜାମ ସହରରେ ଥିବା ଗ୍ରାସୀମ ଇଣ୍ଡଷ୍ଟ୍ରିଜ ସ୍ଥାନୀୟ ଅଞ୍ଚଳରେ କୌଣସି ବିକାଶ ମୂଳକ କାର୍ଯ୍ୟ କରୁ ନ ଥିବା ଅଭିଯୋଗରେ ଗଞ୍ଜାମ ସୁରକ୍ଷା ମଞ୍ଚ ପକ୍ଷରୁ ଜୋରଦାର ବିରୋଧ ଆରମ୍ଭ ହୋଇଛି। ଏନେଇ ସାଂସଦ ପ୍ରତିନିଧି ସୁଧୀର କୁମାର ପାଢ଼ୀଙ୍କ ଅଧ୍ୟକ୍ଷତାରେ ବୁଢ଼ୀ ଠାକୁରାଣୀ ମନ୍ଦିରଠାରେ ଏକ ପ୍ରତିବାଦ ସଭା ଗୁରୁବାର ଅନୁଷ୍ଠିତ ହୋଇଥିଲା। ଏଥିରେ ଦୁର୍ଗାଦେବୀ ଶିଳ୍ପ ତାଲିମ କେନ୍ଦ୍ର ସମ୍ପାଦକ ପ୍ରମୋଦ କୁମାର ପଣ୍ଡା, ଶୁଭ ପଟ୍ଟନାୟକ, ପପି ମହାନ୍ତୁଡ, ମନୋରଞ୍ଜନ ସାହୁ, ତ୍ରିଲୋଚନ ସାହୁ, ଅଶୋକ ପାଢ଼ୀ, ଧରଣୀଧର ସାହୁ, ବାପୁନି ପଣ୍ଡା, ବଟ ରାଉଳ ପ୍ରମୁଖ ଉପସ୍ଥିତ ଥିଲେ। ପରେ କମ୍ପାନୀକୁ ଯାଇ ଏକ ସ୍ମାରକପତ୍ର ପ୍ରଦାନ କରିଥିଲେ। ସ୍ଥାନୀୟ ଶିକ୍ଷିତ ଯୁବକଙ୍କୁ ନିଯୁକ୍ତି, ଅଞ୍ଚଳବାସୀଙ୍କ ଶିକ୍ଷା ଓ ସ୍ୱାସ୍ଥ୍ୟ ପ୍ରତି ଦୃଷ୍ଟିଦେବା ପାଇଁ ସ୍ମାରକପତ୍ରରେ ଉଲ୍ଲେଖ ରହିଛି। ଦାବି ପ୍ରତି କମ୍ପାନୀ ଦୃଷ୍ଟି ନ ଦେଲେ ଆନ୍ଦୋଳନ ଜୋରଦାର କରାଯିବ ବୋଲି ମଞ୍ଚ ପକ୍ଷରୁ କୁହାଯାଇଛି।

## ■ ଘରଭଡ଼ାକୁ କେନ୍ଦ୍ରକରି ଗଣ୍ଡଗୋଳ ମାମଲା

# କୋର୍ଟ ନିର୍ଦ୍ଦେଶରେ ମାମଲା ରୁଜୁ

**ବ୍ରହ୍ମପୁର ଅଫିସ,୨୪।୧**

ଘରଭଡାକୁ କେନ୍ଦ୍ରକରି ଗଣ୍ଡଗୋଳ ଘଟଣାରେ କୋର୍ଟ ନିର୍ଦ୍ଦେଶ କ୍ରମେ ଥାନାରେ ମାମଲା ରୁଜୁ ହୋଇଥିବା ଜଣାପଡିଛି । ଗୁରୁବାର ଉକ୍ତ ମାମଲାରେ ଅଭିଯୋଗକାରୀ ଯୁବତୀଙ୍କର କୋର୍ଟରେ ବୟାନ୍ ରେକର୍ଡ କରାଯାଇଛି। ପ୍ରକାଶଯେ, ବାସୁଦେବପୁର ଷଷ୍ଠ ଲେନ୍‌ର ଘରଭଡା ସୂତ୍ରରେ ରହୁଥିବା ମଧୁମିତା ମହାପାତ୍ର ନାମକ ଜଣେ ଯୁବତୀଙ୍କୁ ୨୦୧୮ ଡିସେମ୍ବର ୬ରେ ଘରମାଲିକଙ୍କର ୩ ଜଣ ସମ୍ପର୍କୀୟ ତ୍ରିପୁରା ପ୍ରସାଦ ରଥ, ବାବୁଲା ବେହେରା ଓ ରମେଶ ସୁବୁଦ୍ଧି ଆସି ଗାଳିଗୁଲଜ କରିବା ସହିତ ଘର ଖାଲି କରିବାକୁ ଧମକ ଦେଇଥିଲେ ବୋଲି ସଦର ଥାନାରେ ଅଭିଯୋଗ କରିଥିଲେ । ମଧୁମିତାଙ୍କ ରିପୋର୍ଟ ଥାନାରେ ଗ୍ରହଣ କରା ନ ଯିବାରୁ ସେ କୋର୍ଟରେ ଆଶ୍ରୟ ନେଇଥିଲେ। ଏସଡିଜେଏମ୍ କୋର୍ଟରେ ମଧୁମିତା ୱାନ୍‌ସିସି ଫାଇଲ୍ କରିଥିଲେ। ଉକ୍ତ ୱାନ୍‌ସିସି ପ୍ରକାରେ ଜିଆର୍ କେସ ନଂ ୫୨୬/୧୮ରେ ଏକ ମାମଲା ରୁଜୁ ହୋଇଥିଲା । କୋର୍ଟ ନିର୍ଦ୍ଦେଶ ପ୍ରକାରେ ଚଳିତ ମାସ ୧୧ରେ ସଦରଥାନା ପୋଲିସ ନଂ. ୭/୧୯ରେ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଛି। ଗୁରୁବାର ଜେଏମ୍‌ଏଫସି ସଙ୍ଗୀତା ଦାସଙ୍କ କୋର୍ଟରେ ତଦନ୍ତକାରୀ ଅଧିକାରୀ ସୂର୍ଯ୍ୟଚନ୍ଦ୍ର ପାଢୀ, ଅଭିଯୋଗକାରୀ ମଧୁମିତାଙ୍କୁ ହାଜର କରିଥିଲେ ।

# ମଦ ବିକ୍ରି ବନ୍ଦ ଦାବିରେ ମହିଳାଙ୍କ ଆନ୍ଦୋଳନ

**■୪ ଘଣ୍ଟା କୋଦଳା-ଆଛୁଲି ରାସ୍ତା ଅବରୋଧ**

**■ମଦ ଦୋକାନ ସିଲ୍ କଲା ଜିଲା ପ୍ରଶାସନ**

**ପୁରୁଷୋତ୍ତମପୁର,୨୪।୧(ଡି.ଏନ.ଏ.)**

ଗଞ୍ଜାମ ଜିଲା ପୁରୁଷୋତ୍ତମପୁର ବ୍ଲକ ସମା ଗ୍ରାମରେ ମଦ ବିକ୍ରି ବନ୍ଦ ଦାବିରେ ମହିଳାମାନେ ଗୁରୁବାର ରାଜରାସ୍ତାକୁ ଓହ୍ଲାଇଛନ୍ତି। ଆଛୁଲି-କୋଦଳା ଆର୍‌ଡି ମୁଖ୍ୟ ରାସ୍ତାକୁ ମଧ୍ୟାହ୍ନ ୧୨ଟାରୁ ୪ଟା ପର୍ଯ୍ୟନ୍ତ ଅବରୋଧ କରିଥିଲେ। ପୁରୁଷୋତ୍ତମପୁର ଆଇଆଇସି ଅଜୟ କୁମାର ବାରିକ, ତହସିଲଦାର ଅରୁଣ କୁମାର ନାୟକ, ଅବକାରୀ ଇନ୍ସପେକ୍ଟର ନୀଳିମା ଜୟନ୍ତୀ ସ୍ୱାଇଁ ଘଟଣାସ୍ଥଳକୁ ଆସି ଆନ୍ଦୋଳନରତ ମହିଳାମାନଙ୍କୁ ବୁଝାଶୁଝା କରିଥିଲେ। ମାତ୍ର ମହିଳାମାନେ ଗ୍ରାମରେ ସମ୍ପୂର୍ଣ୍ଣ ମଦ ବିକ୍ରି ବନ୍ଦ କରିବା ସହ ୭ ଦେଶୀ ଓ ବିଦେଶୀ ମଦ ଦୋକାନକୁ ବନ୍ଦ କରିବାକୁ ଅଡି ବସିଥିଲେ। ତହସିଲଦାର ଓ ମହିଳାଙ୍କ ମଧ୍ୟରେ କଥା କଟାକଟି ହୋଇଥିଲା। ଶେଷରେ ପ୍ରଶାସନ ମୁଣ୍ଡ ନୁଆଁଇଥିଲା। ଲାଇସେନ୍ସପ୍ରାପ୍ତ ଦେଶୀ ଓ ବିଦେଶୀ ମଦ ଦୋକାନକୁ ସିଲ୍ କରିବା ପରେ ଧାରଣା ହଟିଥିଲା।

ସୂଚନାଯୋଗ୍ୟ ଯେ, ଗ୍ରାମରେ ନିଶାସକ୍ତଙ୍କ ଦୌରାତ୍ମ୍ୟରେ ଅତିଷ୍ଠ ହୋଇ ମହିଳାମାନେ ମଦବିକ୍ରି ବନ୍ଦ ପାଇଁ ଗତ ସପ୍ତାହରେ ଲିଖିତଭାବେ ତହସିଲଦାର, ପୋଲିସ ଓ ଅବକାରୀ ଅଧିକାରୀଙ୍କୁ ଜଣାଇବା ସହ ଛତ୍ରପୁର ଠାରେ ଜିଲାପାଳ ଓ ଅବକାରୀ ଅଧକ୍ଷଙ୍କୁ ମଧ ଜଣାଇଥିଲେ। ମଦ ବିକ୍ରି କରୁଥିବା ଗ୍ରାମର ଜିତୁ ବିଷୋଇ ଏନେଇ ମହିଳାମାନଙ୍କୁ ଗାଳିଗୁଲଜ କରିଥିଲା। ଜଣେ ମହିଳା ଗତ ୧୬ ତାରିଖରେ ଥାନାରେ ଅଭିଯୋଗ କରିଥିଲେ। ନଂ.୧୧/୧୯ରେ ମାମଲା ରୁଜୁ କରି ୨୦ ତାରିଖରେ ଜିତୁଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛଇ। ଗିରଫ ପରେ ମଧ ଜିତୁଙ୍କ ସମର୍ଥକ ମହିଳାମାନଙ୍କୁ ଅଶ୍ଳିଳ ଇଙ୍ଗିତ ପ୍ରଦର୍ଶନ କରୁଛନ୍ତି। ଏହାର ପ୍ରତିବାଦରେ ସେମାନେ ରାସ୍ତାକୁ ଓହ୍ଲାଇଥିଲେ।



ମହିଳାମାନେ ରାସ୍ତା ଅବରୋଧ କରିଛନ୍ତି।

# ଥାନାରେ ସମ୍ବର୍ଦ୍ଧନା ସଭା

**ପୁରୁଷୋତ୍ତମପୁର,୨୪।୧(ଡି.ଏନ୍.ଏ.)**

ପୁରୁଷୋତ୍ତମପୁର ପୋଲିସ ଉପଖଣ୍ଡ ପକ୍ଷରୁ ବୁଧବାର ରାତିରେ ପୁରୁଷୋତ୍ତମପୁର ଥାନା ପରିସରରେ ବିଦାୟକାଳୀନ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଏସ୍‌ଡିପିଓ ସିଲ୍‌ଭେରିୟସ୍ ଟପ୍ପୋ ପୌରୋହିତ୍ୟ କରିଥିଲେ। ସମ୍ମାନିତ ଅତିଥି ଭାବେ ବରିଷ୍ଠ ନାଗରିକ ସଂଘ ସଭାପତି ପ୍ରଫୁଲ୍ଲ କୁମାର ରଥ ଓ ଅବସରପ୍ରାପ୍ତ ସ୍କୁଲ ପରିଦର୍ଶକ ଏ. ରାଜଗୋପାଳ ରାଓ ଯୋଗଦେଇଥିବାବେଳେ ପୂର୍ବତନ ଏସ୍‌ଡିପିଓ ଅଶ୍ୱିନୀ କୁମାର ସାହୁ ଯୋଗ ଦେଇଥିଲେ। ଏଠାରେ ଥିବା ଏସ୍‌ଡିପିଓ ସାହୁଙ୍କର ଗଞ୍ଜାମ ପୋଲିସ ଜିଲା ମୁଖ୍ୟାଳୟକୁ ଡିଏସ୍‌ପି ଭାବେ ବଦଳି ହୋଇଥିବାରୁ ସବ୍‌ଡିଭିଜନ୍ ପକ୍ଷରୁ ତାଙ୍କୁ ବିଦାୟ ସମ୍ବର୍ଦ୍ଧନା ଦିଆଯାଇଥିଲା। ପୁରୁଷୋତ୍ତମପୁର ଆଇଆଇସି ଅଜୟ କୁମାର ବାରିକ, କୋଦଳା ଥାନାର ସୁଶାନ୍ତ କୁମାର ସିଂ, ହିଞ୍ଜିଳି ଥାନାର ପ୍ରଶାନ୍ତ କୁମାର ସାହୁ, ପୋଲସରା ଥାନାର ଜିତେନ୍ଦ୍ର କୁମାର ମଲ୍ଲିକ, କବିସୂର୍ଯ୍ୟନଗରର ତପନ କୁମାର ପତି, ଶେରଗଡ ଆଇଆଇସି ବିଶ୍ୱରଞ୍ଜନ ନାୟକ, ରମ୍ଭା ଆଇଆଇସି କୃଷ୍ଣଚନ୍ଦ୍ର ସେଠୀ, ବେଗୁନିଆପଡା ଫାଣ୍ଡି ଅଧିକାରୀ ପ୍ରଦୀପ୍ତ କୁମାର ଦାଶ ଯୋଗଦେଇଥିଲେ। ପୁରୁଷୋତ୍ତମପୁର ଥାନା କର୍ମଚାରୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।



ସଭାରେ ମଞ୍ଚାସିନ ଅତିଥିବୃନ୍ଦ।

## ■ ଅନ୍‌ସ୍ଲୋ ହାଇସ୍କୁଲ: ଷ୍ଟୁଡେଣ୍ଟ ପୋଲିସ କ୍ୟାଡେଟ୍‌ର ଶୁଭାରମ୍ଭ

# ସମାଜର ବିକାଶରେ ସାମିଲ ହୋଇପାରିବେ

**ଛତ୍ରପୁର,୨୪।୧(ଡି.ଏନ.ଏ.)**

ଗଞ୍ଜାମ ପୋଲିସ ଜିଲା ପକ୍ଷରୁ ଛତ୍ରପୁର ଅନସ୍ଲୋ ହାଇସ୍କୁଲରେ ଗୁରୁବାର ଷ୍ଟୁଡେଣ୍ଟ ପୋଲିସ କ୍ୟାଡେଟ୍ ବ୍ୟବସ୍ଥାର ଶୁଭାରମ୍ଭ ହୋଇଛି। ଏନେଇ ଏକ କାର୍ଯ୍ୟକ୍ରମ ହାଇସ୍କୁଲ ସମ୍ମିଳନୀ ଗୃହରେ ଅନୁଷ୍ଠିତ ହୋଇଥିଲା । ଏହାକୁ ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ ଶୁଭାରମ୍ଭ କରିଥିଲେ । ମୁଖ୍ୟଅତିଥି ଭାବେ ଛତ୍ରପୁର ବିଧାୟକ ଡା. ପ୍ରିୟାଂଶୁ ପ୍ରଧାନ, ଗଞ୍ଜାମ ଏସ୍‌ପି ବ୍ରିଜେଶ କୁମାର ରଏ, ସମ୍ମାନିତ ଅତିଥି ଭାବେ ଡିଆରଡିଏ ପିଡି ସିଦ୍ଧାର୍ଥ ଶଙ୍କର ସ୍ୱାଇଁ, ଡୁରା ହାଇସ୍କୁଲ ପ୍ରଧାନ ଶିକ୍ଷକ ରାମକୃଷ୍ଣ ରାଓ, ଅନସ୍ଲୋ ହାଇସ୍କୁଲ ପ୍ରଧାନଶିକ୍ଷକ ରାଧାକୃଷ୍ଣ ନାୟକ ଯୋଗ ଦେଇଥିଲେ । ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ବିରଞ୍ଚି ନାରାୟଣ ପ୍ରଧାନ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଡିଏସ୍‌ପି ଦିଲୀପ ଦାଶ, ଶିକ୍ଷକ ଜଗଦୀଶ ଚନ୍ଦ୍ର ପଲାଇ ଓ ଏ. ରାବଣା ରାଓ ପ୍ରମୁଖ ଉପସ୍ଥିତ ଥିଲେ । ଅନସ୍ଲୋ ହାଇସ୍କୁଲର ଅଷ୍ଟମ ଶ୍ରେଣୀର ୪୪ ଛାତ୍ରୀଛାତ୍ରଙ୍କୁ ଷ୍ଟୁଡେଣ୍ଟ ପୋଲିସ କ୍ୟାଡେଟରେ ସାମିଲ କରାଯାଇଛି । ଏଥିରେ ୫୦ ପ୍ରତିଶତ ଛାତ୍ରୀ ଅଛନ୍ତି। ପ୍ରତି ସପ୍ତାହରେ ୨ ଦିନ ଏମାନଙ୍କୁ ଏସ୍‌ପିଙ୍କ ତତ୍ତ୍ୱାବଧାନରେ ଗଞ୍ଜାମ ପୋଲିସ ଜିଲାର ଅଧିକାରୀମାନେ ତାଲିମ ଦେବେ ବୋଲି ସୂଚନା ଦିଆଯାଇଛି । ପ୍ରଧାନଶିକ୍ଷକ ନାୟକ ଓ ଶିକ୍ଷକ ଅରୁଣ କୁମାର ମାନସିଂଙ୍କୁ କ୍ୟାଡେଟର ପରିଚାଳନା ଦାୟିତ୍ୱ ଦିଆଯାଇଛି । ୨ ବର୍ଷ ପର୍ଯ୍ୟନ୍ତ ଏହି ତାଲିମ ଦିଆଯିବ । ଜିଲାପାଳ ଓ ଏସ୍‌ପିଙ୍କ ଅଫିସକୁ ଯାଇ କ୍ୟାଡେଟ ସେଠାରେ ଚାଲୁଥିବା କାମ ଦେଖିଛନ୍ତି । ଆଗାମୀ ଦିନରେ ଗଞ୍ଜାମ ଜିଲାର ବିଭିନ୍ନ ଐତିହ୍ୟ ସ୍ଥାନ ଓ ପାର୍କ ଆଦିକୁ ନିଆଯିବ ବୋଲି ସୂଚନା ଦିଆଯାଇଛି ।





କ୍ୟାଡେଟ ସହ ଅତିଥିମାନେ ଉପସ୍ଥିତ ଅଛନ୍ତି

### ଏମାନଙ୍କ ମତରେ

"ଗଞ୍ଜାମ ପୋଲିସର ଏହି କାର୍ଯ୍ୟକ୍ରମ ସ୍ୱାଗତଯୋଗ୍ୟ । ସମାଜର ବିକାଶରେ ଉକ୍ତ କ୍ୟାଡେଟ ସାମିଲ ହୋଇପାରିବ । ସ୍ୱଚ୍ଛତା, ଟ୍ରାଫିକ ନିୟନ୍ତ୍ରଣ ଆଦି ସମ୍ପର୍କରେ ଜନସାଧାରଣଙ୍କୁ ଏମାନେ ସଚେତନ କରିବେ । ଫଳରେ ସମାଜ ଶୃଙ୍ଖଳିତ ହେବା ସହ ଭବିଷ୍ୟତ ଉଜ୍ଜ୍ୱଳମୟ ହେବ ।

**-ବିଜୟ ଅମୃତା କୁଲାଙ୍ଗେ, ଜିଲାପାଳ**

"କ୍ୟାଡେଟରେ ଯୋଗ ଦେଇଥିବା ଛାତ୍ରୀଚ୍ଛାତ୍ରମାନେ ପାଠ ପଢ଼ିବା ସହ ପରିବେଶ ସୁରକ୍ଷା, ଭାଇଚାରା ସୃଷ୍ଟି କରିବା ସହ ଅସହାୟମାନଙ୍କୁ ସାହାଯ୍ୟ କରିପାରିବା କାର୍ଯ୍ୟକ୍ରମର ମୂଳଲକ୍ଷ୍ୟ । ସାମାଜିକ ଭାବନା ଓ ବିକାଶ ଦିଗରେ ଏମାନଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ।

**-ବ୍ରିଜେଶ କୁମାର ରଏ, ଏସ୍‌ପି, ଗଞ୍ଜାମ**

"ସମାଜରବିକାଶଦିଗରେଛାତ୍ରୀଛାତ୍ରମାନଙ୍କଯଥେଷ୍ଟଭୂମିକାରହିଛି।ଷ୍ଟୁଡେଣ୍ଟପୋଲିସ କ୍ୟାଡେଟକାର୍ଯ୍ୟକ୍ରମଆରମ୍ଭହେବାଦ୍ୱାରାଏହିକାର୍ଯ୍ୟତ୍ୱରାନ୍ୱିତରେସୁବିଧାହୋଇପାରିବ।

**-ଡା.ପ୍ରିୟାଂଶୁ ପ୍ରଧାନ, ଛତ୍ରପୁର ବିଧାୟକ**

"ନିଜେ ଶୃଙ୍ଖଳିତ ହୋଇ ଅନ୍ୟକୁ ଶୃଙ୍ଖଳିତ କରିବାକୁ ଉଦ୍ୟମ କରିବି । ଦେଶର ବିକାଶରେ ମଧ ସାମିଲ ହୋଇ କାମ କରିବାକୁ ସୁଯୋଗ ମିଳିଛି ।

**-ସ୍ମୃତିରେଖା ସାମଲ, ଛାତ୍ରୀ ତଥା କ୍ୟାଡେଟ ସଦସ୍ୟା**

"ସ୍ୱଚ୍ଛତା ପାଇଁ ଲୋକଙ୍କୁ ସଚେତନ କରିବା ସହ ଦେଶ ପାଇଁ କାମ କରିବି ।

**-ସ୍ମୃତି ପାଢୀ, ଛାତ୍ରୀ ତଥା କ୍ୟାଡେଟ୍ ସଦସ୍ୟା**

"ଟ୍ରାଫିକନିୟନ୍ତ୍ରଣ,ବିପର୍ଯ୍ୟୟବେଳେଉଦ୍ଧାରକାର୍ଯ୍ୟରେସାମିଲହେବାସହକ୍ୟାଡେଟ ମାନେସାମାଜିକଶୃଙ୍ଖଳାରକ୍ଷାକରିବାରେପୋଲିସଓପ୍ରଶାସନକୁସହାୟତାକରିବେ।

**-ରାଧାକୃଷ୍ଣ ନାୟକ, ପ୍ରଧାନଶିକ୍ଷକ**

## ଆଜି କ'ଣ କେଉଁଠି

ବ୍ରହ୍ମପୁର

- ପାଇପ୍ ଜଳ କର୍ମଚାରୀ ସଂଘର ବିକ୍ଷୋଭ। ସ୍ଥାନ-ଦକ୍ଷିଣାଞ୍ଚଳ ଆର୍‌ଡିସିଙ୍କ କାର୍ଯ୍ୟାଳୟ। ସମୟ-ପୂର୍ବାହ୍ନ ୧୧ଟା ।
- ଭାଗଚାଷୀ ଋଣ ପ୍ରଦାନ ଦାବିରେ ବିକ୍ଷୋଭ। ସ୍ଥାନ-ଉପନିବନ୍ଧକଙ୍କ କାର୍ଯ୍ୟାଳୟ ସମ୍ମୁଖ। ସମୟ-ପୂର୍ବାହ୍ନ ୧୧ଟା ।

## ପାୱାରଲୁମ୍ ପୁନରୁଦ୍ଧାର ଦାବି

**ବ୍ରହ୍ମପୁର ଅଫିସ,୨୪।୧:** ବ୍ରହ୍ମପୁର ଶିଳ୍ପାଞ୍ଚଳର ପାୱାରଲୁମ ବହୁବର୍ଷରୁ ଅଚଳ ହୋଇଯାଇଛି। ଫଳରେ ସେଠାର ଶ୍ରମିକମାନେ ବେକାର ହୋଇଯାଇଛନ୍ତି। ତୁରନ୍ତ ଏହାକୁ ପୁନରୁଦ୍ଧାର କରିବାକୁ ଶିଳ୍ପାଞ୍ଚଳ ମଣ୍ଡଳ ଭାଜପା ପକ୍ଷରୁ ଦାବି କରାଯାଇଛି। ସାଧାରଣ ସମ୍ପାଦକ ପ୍ରମୋଦ କୁମାର ମଣ୍ଡଳ ଆହୁରି ମଧ ଶିଳ୍ପାଞ୍ଚଳରେ ଅନେକ ଶିଳ୍ପ ରୁଗ୍‌ଣ ହୋଇଯାଇଛି ଓ ଆଉ କେତେକେ ଅଚଳ ହୋଇଥିବା ଅଭିଯୋଗ କରିଛନ୍ତି। ଇଡ଼କୋ ଅଧୀନ ଏହି ଶିଳ୍ପାଞ୍ଚଳ ଅଚଳାବସ୍ଥାରେ ଥିବାରୁ ଶ୍ରମିକମାନେ କାମଧନ୍ଦା ନ ପାଇ ଅନ୍ୟ ରାଜ୍ୟକୁ ଯାଇ ଦାଦନ ଖଟୁଛନ୍ତି । ସେମାନଙ୍କ ମଧ୍ୟରୁ ଅନେକ ନିର୍ଯାତନାର ଶିକାର ହେଉଛନ୍ତି। ତେଣୁ ରାଜ୍ୟ ସରକାର ଶିଳ୍ପାଞ୍ଚଳକୁ କାର୍ଯ୍ୟକ୍ଷମ କରିବା ଉପରେ ଭାଜପା ମଣ୍ଡଳ ଶାଖା ଗୁରୁତ୍ୱ ଦେଇଛି । ଅପରପକ୍ଷେ ଗଞ୍ଜାମ ଜିଲାର ହଜାର ହଜାର କୃଷି ଶ୍ରମିକ ରୋଜଗାର ପାଇଁ ଅନ୍ୟତ୍ର ଯାଉଥିବା ବେଳେ ଚାଷୀଙ୍କୁ ଉପହାସ କଲା ଭଳି ଆସନ୍ତା ୨୭ ତାରିଖ ରାଜ୍ୟ ସରକାରଙ୍କ ରଙ୍ଗେଇଲୁଣ୍ଡା କୃଷକ ସମାବେଶ ଏକ ପ୍ରହସନ ହୋଇଥିବା ସମାଲୋଚନା କରାଯାଇଛି ।

## ପୂର୍ବ ଛାତ୍ର ପରିଷଦର ଶ୍ରଦ୍ଧାଞ୍ଜଳି

**ବ୍ରହ୍ମପୁର ଅଫିସ୍,୨୪।୧:** ନୀଳକଣ୍ଠନଗର ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ପୂର୍ବ ଛାତ୍ର ପରିଷଦ ଦ୍ୱାରା ନେତାଜୀ ସୁଭାଷ ଚନ୍ଦ୍ର ବୋଷ ଏବଂ ବୀର ସୁରେନ୍ଦ୍ର ସାଏ ଜୟନ୍ତୀ ପାଳନ କରାଯାଇଥିଲା । ଏଥିରେ ପ୍ରଧାନାଚାର୍ଯ୍ୟ ଏସ. ମୋହନ ରାଓ, ପରିଚାଳନା ସମିତି କୋଷାଧକ୍ଷ ରବୀନ୍ଦ୍ର ନାଥ ଜେନା, ବିଦ୍ୟାଳୟ ପୂର୍ବ ଛାତ୍ର ସଂଯୋଜକ ଜଟେଶ୍ୱର କର, ପୁରାତନ ଛାତ୍ର ପରିଷଦ ସଭାପତି ସନ୍ତୋଷ କୁମାର ପାଢ଼ୀ, ସମ୍ପାଦକ ଚନ୍ଦ୍ର ଶେଖର ଗୌଡ ମଞ୍ଚାସୀନ ଥିଲେ । ଜଟେଶ୍ୱର କର ସ୍ୱାଗତ ଭାଷଣ ଦେଇଥିଲା ବେଳେ ପ୍ରଧାନାଚାର୍ଯ୍ୟ ଏସ୍.ମୋହନ ରାଓ ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ । ପୁରାତନ ଛାତ୍ର ଅଜିତ୍ ସାବତ ପରିଚୟ ପ୍ରଦାନ କରିଥିବା ବେଳେ ରାମକୃଷ୍ଣ ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ। ପୂର୍ବଛାତ୍ର ଧର୍ମରାଜ ପାଣିଗ୍ରାହୀ ବ୍ୟକ୍ତିଗତ ଗୀତ ପରିବେଷଣ କରିଥିଲେ । ମୁଖ୍ୟବକ୍ତା ରବୀନ୍ଦ୍ରନାଥ ଜେନା ପୂର୍ବଛାତ୍ରମାନଙ୍କୁ ନେତାଜୀ ଓ ବୀର ସୁରେନ୍ଦ୍ର ସାଏଙ୍କ ଜୀବନୀ ଉପରେ ମାର୍ଗଦର୍ଶନ କରିଥିଲେ । ପୂର୍ବଛାତ୍ରମାନଙ୍କଦ୍ୱାରା ପୁରାତନ ଗୁରୁଜୀଗୁରୁମାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ଏଥିରେ ବରିଷ୍ଠ ଆଚାର୍ଯ୍ୟ ସମୀର କୁମାର ବାରିକଙ୍କ ଅଧକ୍ଷତାରେ 'ଶିଶୁ ମନ୍ଦିର ଗଠନରେ ମୋର ଭୂମିକା' ବିଷୟରେ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଥିଲା। ତତ୍ ସହିତ ଛାତ୍ର ପରିଷଦ କର୍ମକର୍ତ୍ତାମାନେ ବିଭିନ୍ନ ପ୍ରକାର ସାମାଜିକ କାର୍ଯ୍ୟ ସମ୍ପାଦିତ କରିବା ପାଇଁ ବଚନବଦ୍ଧ ହୋଇଥିଲେ । ଉକ୍ତ କାର୍ଯ୍ୟକ୍ରମକୁ ବରିଷ୍ଠ ଆଚାର୍ଯ୍ୟ ସଚ୍ଚିଦାନନ୍ଦ ପୁରୋହିତ ପରିଚାଳନା କରିଥିବା ବେଳେ ଅନୁଷ୍ଠାନର ପୁରାତନ ଗୁରୁଜୀଗୁରୁମାମାନେ ସହଯୋଗ କରିଥିଲେ ।

### ■ ଦୁର୍ଦ୍ଧାନ୍ତ ଅପରାଧୀ ସନ୍ତୋଷ ଏନ୍‌କାଉଣ୍ଟର ମାମଲା

# ୫ ପୋଲିସ କର୍ମଚାରୀଙ୍କ ସାକ୍ଷ୍ୟ ଗ୍ରହଣ

**ବ୍ରହ୍ମପୁର ଅଫିସ,୨୪।୧**

ଦୁର୍ଦ୍ଧାନ୍ତ ଅପରାଧୀ ସନ୍ତୋଷ ଗୌଡଙ୍କୁ ସଦର ଥାନା ପୋଲିସର ଏନ୍‌କାଉଣ୍ଟର ମାମଲାରେ ଗୁରୁବାର ସିଜେଏମ୍ ପ୍ରଣତି ଶାହାଙ୍କ କୋର୍ଟରେ ୫ ପୋଲିସ କର୍ମଚାରୀଙ୍କ ସାକ୍ଷ୍ୟ ଗ୍ରହଣ କରାଯାଇଛି। ସଦରଥାନା ଏସ୍‌ଆଇ ଗୋବିନ୍ଦଚନ୍ଦ୍ର ମହାପାତ୍ର, ଏଏସ୍‌ଆଇ ପ୍ରଫୁଲ୍ଲ ଚନ୍ଦ୍ର ଶତପଥୀ, ଏଏସ୍‌ଆଇ ସନ୍ତୋଷ କୁମାର ପାଢ଼ୀ, କନଷ୍ଟେବଲ ବୃନ୍ଦାବନ ବେହେରା ଏବଂ ଡ୍ରାଇଭର ସତ୍ୟରଞ୍ଜନ ବଡଜେନା କୋର୍ଟରେ ଘଟଣା ସମ୍ପର୍କରେ କହିଥିଲେ। ଘଟଣା ଦିନ ସନ୍ତୋଷ ଗୌଡ ତାହାର ଗିରଫଦାରି ପ୍ରତିବାଦରେ ପ୍ରଥମେ ପୋଲିସ ଉପରକୁ ଗୁଳି ଚାଳନା କରିବା ପରେ ପ୍ରତିବାଦରେ ପୋଲିସ ଗୁଳି ଚାଳନା କରିଥିବା କହିଥିଲେ । ସନ୍ତୋଷଙ୍କୁ କାବୁ କରିବା ସମୟରେ ସମସ୍ତ ପୋଲିସ କର୍ମଚାରୀ ଆହତ ହୋଇଥିଲେ ବୋଲି କହିଥିଲେ । ପୂର୍ବରୁ ଏହି ମାମଲାରେ ସଦରଥାନା ଆଇଆଇସି ଶିବଶଙ୍କର ମହାପାତ୍ର ଏବଂ ବାଇଗଣବାଡି ଗ୍ରାମର ୨ ଜଣ ସାକ୍ଷୀ ହାଡୁ ରାଉତ ଏବଂ ରଞ୍ଜିତ ପାତ୍ରଙ୍କର କୋର୍ଟରେ ସାକ୍ଷ୍ୟ ଗ୍ରହଣ ହୋଇସାରିଛି । ମୁଦାଲାଙ୍କ ପକ୍ଷରୁ ଆଇନଜୀବୀ ସରୋଜ ସାବତ ଏବଂ ମହେନ୍ଦ୍ର ଶତପଥୀ ପୋଲିସ କର୍ମଚାରୀମାନଙ୍କୁ ଘଟଣା ସମ୍ପର୍କରେ ଗୁଡେଇ ତୁଡେଇ ବିଭିନ୍ନ ପ୍ରଶ୍ନ ପଚାରିଥିଲେ । ଘଟଣାରେ ସମୁଦାୟ ୧୮ ଜଣ ସାକ୍ଷୀ ରହିଥିବା ବେଳେ ଗୁରୁବାର ୫ ଜଣ କୋର୍ଟରେ ସାକ୍ଷ୍ୟ ଦେଇଛନ୍ତି । ଆସନ୍ତା ଫେବୃୟାରୀ ୨୨ରେ ମାମଲାର ପରବର୍ତ୍ତୀ ବିଚାର ହେବ ବୋଲି ଜଣାଯାଇଛି । ସୂଚନାଯୋଗ୍ୟ, ଦୁର୍ଦ୍ଧାନ୍ତ ଅପରାଧୀ ସନ୍ତୋଷ ଗୌଡ ନାମରେ ବିଭିନ୍ନ ଥାନାରେ ଏକାଧିକ ମାମଲା ରହିଥିବା ବେଳେ ସଦରଥାନା ପୋଲିସ ଖୋଜୁଥିଲା। ୨୦୧୭ ସେପ୍ଟେମ୍ବର ୧୯ ରାତିରେ ବାଇଗଣବାଡି ଗ୍ରାମ ଛକରେ ସଦରଥାନା ପୋଲିସ ଏନ୍‌କାଉଣ୍ଟରରେ ଦୁର୍ଦ୍ଧାନ୍ତ ଅପରାଧୀ ସନ୍ତୋଷ ଗୌଡ ଗୁରୁତର ହୋଇଥିଲେ । ପୋଲିସ-ଅପରାଧୀ ଗୁଳିବିନିମୟରେ ସଦରଥାନା ଆଇଆଇସି ଶିବଶଙ୍କର ମହାପାତ୍ରଙ୍କ ସମେତ ୬ ପୋଲିସ କର୍ମଚାରୀ ଆହତ ହୋଇଥିଲେ। ଘଟଣାକୁ ନେଇ ପୋଲିସ ନଂ. ୨୦୭/୧୭ରେ ଏକ ମାମଲା ରୁଜୁ କରି ସନ୍ତୋଷଙ୍କୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଥିଲା ।

## ବ୍ରହ୍ମପୁର ପୋଲିସ ଜିଲାରେ ଏସ୍‌ପିସିର ଶୁଭାରମ୍ଭ


କେନ୍ଦ୍ରୀୟ ବିଦ୍ୟାଳୟରେ ଏସ୍‌ପିସି କାର୍ଯ୍ୟକ୍ରମର ଶୁଭାରମ୍ଭ ସମାରୋହରେ ଅତିଥିମାନଙ୍କ ସହିତ ସମସ୍ତ କ୍ୟାଡେଟ୍ ।

**ବ୍ରହ୍ମପୁର ଅଫିସ୍,୨୪।୧**

ସ୍ଥାନୀୟ କେନ୍ଦ୍ରୀୟ ବିଦ୍ୟାଳୟରେ ଗୁରୁବାର ବ୍ରହ୍ମପୁର ପୋଲିସ ଜିଲାର ଏସ୍‌ପିସି(ଷ୍ଟୁଡେଣ୍ଟ ପୋଲିସ କ୍ୟାଡେଟ୍) କାର୍ଯ୍ୟକ୍ରମର ଶୁଭାରମ୍ଭ ହୋଇଛି । ସମାରୋହରେ ଗୋପାଳପୁର ବିଧାୟକ ଡ.ପ୍ରଦୀପ କୁମାର ପାଣିଗ୍ରାହୀ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ ବ୍ରହ୍ମପୁର ଏସ୍‌ପି ପିନାକ ମିଶ୍ର ଅନ୍ୟତମ ଅତିଥି ଭାବେ ଯୋଗ ଦେଇଥିଲେ । ପ୍ରାରମ୍ଭିକ ପର୍ଯ୍ୟାୟରେ ବ୍ରହ୍ମପୁର ପୋଲିସ ଜିଲା ପାଇଁ ମନୋନୀତ ହୋଇଥିବା କେନ୍ଦ୍ରୀୟ ବିଦ୍ୟାଳୟରେ ୪୪ ଯୁବ ଛାତ୍ରଙ୍କୁ ନେଇ ଗ୍ରୁପ୍ ଗଠିତ ହୋଇଥିବା ସୂଚନା ଦିଆଯାଇଥିଲା । ଅତିଥିମାନେ ଏହି ୪୪ ଜଣ ଏସ୍‌ପିସି କ୍ୟାଡେଟ୍‌ଙ୍କୁ ପୋଲିସ କ୍ୟାପ୍ ଓ ୟୁନିଫର୍ମ ପ୍ରଦାନ କରିଥିଲେ । ଛାତ୍ର ଜୀବନରୁ ହିଁ ସେମାନଙ୍କ ମନରେ ନ୍ୟାୟିକ ଭାବନା, ସମାଜ ପ୍ରତି କର୍ତ୍ତବ୍ୟ ବୋଧ, ଅସାମାଜିକ କାର୍ଯ୍ୟକ୍ରମରୁ ନିଜେ ନିବୃତ୍ତ ରହିବା ସହ ଅନ୍ୟମାନଙ୍କୁ ନିବୃତ୍ତ ରହିବା ପାଇଁ ସଚେତନ କରାଇବା ତାହାହିଁ କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ବୋଲି ଅତିଥିମାନେ ଉଦ୍‌ବୋଧନ ଦେଇଥିଲେ । କାର୍ଯ୍ୟକ୍ରମ ଦ୍ୱାରା ଯୁବ ଛାତ୍ରମାନଙ୍କୁ ପୋଲିସ ଆଡକୁ ଆକର୍ଷିତ କରିବା ସହିତ ସେମାନଙ୍କୁ ଆଇନ, ପୋଲିସ ଏବଂ ନ୍ୟାୟିକ ଅଧିକାର ସମ୍ପର୍କରେ ବୁଝାଇବା ହିଁ ଆଭିମୁଖ୍ୟ ବୋଲି ବ୍ରହ୍ମପୁର ଏସ୍‌ପି ମତବ୍ୟକ୍ତ ରଖିଥିଲେ । ଅନ୍ୟମାନଙ୍କ ମଧ୍ୟରେ କେନ୍ଦ୍ରୀୟ ବିଦ୍ୟାଳୟର ଅଧକ୍ଷ ବିଘ୍ନେଶ୍ୱର ପଟ୍ଟନାୟକ ଓ ଏସ୍‌ପିସିର ନୋଡାଲ୍ ଅଫିସର୍ ମୀରା ରଥ ପ୍ରମୁଖ ଉପସ୍ଥିତ ଥିଲେ । ପରେ ଅପରାହ୍ନରେ ସମସ୍ତ ୪୪ ଜଣ ଏସ୍‌ପିସି କ୍ୟାଡେଟ୍‌ଙ୍କୁ ବ୍ରହ୍ମପୁର ପୋଲିସ ଜିଲାର ଆଧୁନିକ ଥାନା ବଡବଜାର ଥାନାକୁ ପରିଦର୍ଶନରେ ନିଆଯାଇଥିଲା । ସେଠାରେ ପୋଲିସ ଏବଂ ସମାଜ ପ୍ରତି ପୋଲିସ ଦାୟିତ୍ୱବୋଧତା ସମ୍ପର୍କରେ ବୁଝାଯାଇଥିଲା ।

## ଅଭିକର୍ତ୍ତା ସଂଘର ବୃତ୍ତି ସୁରକ୍ଷା ଦିବସ

**ବ୍ରହ୍ମପୁର ଅଫିସ,୨୪।୧**

ଜୀବନ ବୀମା ନିଗମ ଅଭିକର୍ତ୍ତା ସଂଘ (ଏଲଆଇସି ଏଜେଣ୍ଟ) ବ୍ରହ୍ମପୁର ୧ନଂ. ଶାଖା ପକ୍ଷରୁ ବୃତ୍ତି ସୁରକ୍ଷା ଦିବସ ଗୁରୁବାର ପାଳିତ ହୋଇଯାଇଛି । ନୀଳକଣ୍ଠେଶ୍ୱର ମନ୍ଦିର ପାଖରେ ହୋଇଥିବା ସମାବେଶରେ ସଭାପତି ମିନର୍ଭା ଦାସ ଅଧ୍ୟକ୍ଷତା କରିଥିଲେ । ସମ୍ପାଦକ ସତ୍ୟ ନାରାୟଣ ପାତ୍ର ପ୍ରାରମ୍ଭିକ ଭାଷଣରେ ବୃତ୍ତି ସୁରକ୍ଷା ଦିବସ ପାଳନର ତାତ୍ପର୍ଯ୍ୟ ନେଇ ଆଲୋକପାତ କରିଥିବା ବେଳେ ପ୍ରଫୁଲ୍ଲ କୁମାର ଦଳାଇ ମୁଖ୍ୟଅତିଥି ଭାବେ ଯୋଗଦେଇ ସଂଘକୁ ସୁଦୃଢ଼ କରିବା ଉପରେ ଗୁରୁତ୍ୱ ଦେଇଥିଲେ । ମଣ୍ଡଳ ସମ୍ପାଦକ ରମେଶ ଚନ୍ଦ୍ର ବଳ ଅଭିକର୍ତ୍ତାଙ୍କ ଗ୍ରାଚୁଇଟି ବୃଦ୍ଧି, କଲ୍ୟାଣ ପାଣ୍ଠି ଗଠନ ଆଦି ଦାବି କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଏ.କେ. ପାଠୀ, ଏ. ରାଉତ ଓ ବ୍ରହ୍ମପୁର ନଂ. ୧ ଶାଖା ପରିଚାଳକ ପି.କେ. ନାୟକ ଉଦ୍‌ବୋଧନ ଦେଇଥିଲେ । ଅଶ୍ୱିନୀ କୁମାର ପଟ୍ଟନାୟକ, ନୀଳକଣ୍ଠ ପଟ୍ଟନାୟକ, ସରୋଜ ପଣ୍ଡା, ଅଶ୍ୱିନୀ ତ୍ରିପାଠୀ, ଗଣେଶ ମଲାଣ, ସଂଯୁକ୍ତା ସାହୁ, ମଧୁସ୍ମିତା ସାହୁ, ଗୀତାରାଣୀ କର, ସୁଜାତା ପାତ୍ର, କୁନି ସାହୁ, ସୁଜାତା ପାଢ଼ୀ, ସୁନିତା ପାତ୍ର ଓ ବରିଷ୍ଠ ଅଭିକର୍ତ୍ତା ଆନନ୍ଦ ରାଓ ସୁବୁଦ୍ଧି ପ୍ରମୁଖ ସାଙ୍ଗଠନିକ ଆଲୋଚନାରେ ଭାଗ ନେଇଥିଲେ । ସୀମାଞ୍ଚଳ ସାହୁ ଧନ୍ୟବାଦ ଦେଇଥିଲେ । ବିଭିନ୍ନ ସ୍ଥାନରୁ ବହୁ ସଂଖ୍ୟକ ଏଜେଣ୍ଟ ଯୋଗ ଦେଇଥିଲେ ।

## ଜାତୀୟ ଟାଏକୋଣ୍ଡୋ ଚାମ୍ପିୟନଶିପ୍: ଗଞ୍ଜାମରୁ ଭାଗନେବେ ପ୍ରତିଯୋଗୀ

**ଛତ୍ରପୁର,୨୪।୧(ଡି.ଏନ.ଏ.)**

ହାଇଦ୍ରାବାଦର ଜିଏମ୍‌ସି ଇନ୍‌ଡୋର ଷ୍ଟାଡିୟମରେ ୩୫ ତମ ଜାତୀୟ ସବ୍‌ଜୁନିୟର ଟାଏକୋଣ୍ଡୋ ଚାମ୍ପିୟନଶିପ ଆସନ୍ତା ୨୭ ରୁ ୩୦ ତାରିଖ ପର୍ଯ୍ୟନ୍ତ ଆୟୋଜିତ ହେବ । ଏଥିରେ ଗଞ୍ଜାମ ଜିଲାର ଡି. ପ୍ରେମ ପ୍ରସାଦ ରେଡ୍ଡୀ, ଦେବ ପଟ୍ଟନାୟକ, ଏମ୍ ମହେଶ, ଶୁଭ୍ରାଂଶୁ କୁମାର ପରିଡା, ଅମିତ୍ ରାଉଳ, ଆରିୟନ ପଣ୍ଡା, ଉମାକାନ୍ତ ରଥ ଭାଗ ନେବେ । ତାଙ୍କ ସହ କୋଚ୍ ସିଏଚ୍ ପ୍ରସାଦ ନାୟକ ଓ ବିକାଶ ଗୌଡ ୨୬ ତାରିଖରେ ଏଠାରୁ ବିଶାଖା ଏକ୍ସପ୍ରେସରେ ଯାତ୍ରା କରିବେ। ସେହିପରି ଫେବୃୟାରୀ ୫ ରୁ ୮ ତାରିଖ ପର୍ଯ୍ୟନ୍ତ ତାମିଲନାଡୁ ଜି ଏମ୍ ଇନଡୋର ଷ୍ଟାଡିୟମରେ ୪ର୍ଥ ଜାତୀୟ କ୍ୟାଡେଟ୍ (୧୨ ରୁ ୧୪ ବର୍ଷ) ରେ ଗଞ୍ଜାମ ଜିଲାର ଆଦିତ୍ୟ ବିଷୋୟୀ, ଆଦିତ୍ୟ ରାଜ୍ ନାୟକ, ପୀୟୁଷ ପ୍ରସାଦ ଷଡଙ୍ଗୀ, ଲୋପାମୁଦ୍ରା ପ୍ରଧାନ, ପ୍ରଭାସିନୀ ନାୟକ, ଆର୍ ଶିରିଓ, ଆର୍ ରିଶିକା ଅଂଶ ଗ୍ରହଣ କରିବେ । ଏମାନଙ୍କ ସହ କୋଚ୍ ଇ. ଲଳିତ କୁମାର ଫେବୃୟାରୀ ୩ ତାରିଖରେ ଏଠାରୁ ଯିବେ । ଜିଲା ଟାଏକୋଣ୍ଡୋ ସଂଘ ସମ୍ପାଦକ କେ. ମନୋଜ ପ୍ରଧାନ ଓ ରାଜ୍ୟ ସମ୍ପାଦକ ମନମୋହନ ଭଞ୍ଜ ଓଡିଶା ଦଳ ସହ ଯିବେ । ଜିଲାର ଉକ୍ତ ଖେଳାଳିମାନଙ୍କୁ ଡିଆରଡିଏ ପିଡି ସିଦ୍ଧାର୍ଥ ଶଙ୍କର ସ୍ୱାଇଁ, ଏସ୍‌ପି ବ୍ରିଜେଶ କୁମାର ରଏ, ଜିଲା କ୍ରୀଡା ଅଧିକାରୀ ପ୍ରଶାନ୍ତ କୁମାର ସାହୁ ଶୁଭେଚ୍ଛା ଦେବା ସହ ଜିଲା ପାଇଁ ପଦକ ଆଣିବାକୁ ଆଶା ପ୍ରକଟ କରିଥିଲେ । ଜିଲା ଟାଏକୋଣ୍ଡୋ ସଂଘ ସଭାପତି ଶ୍ରୀକାନ୍ତ ମହାନ୍ତି, ଜନଜ କୁମାର ମହାରଣା ଓ ବାସୁ ନାୟକ ପ୍ରମୁଖ ଉପସ୍ଥିତ ଥିଲେ ।


ଏସ୍‌ପି ଶୁଭେଚ୍ଛା ଜଣାଉଛନ୍ତି ।

## ସାଂସ୍କୃତିକ କାର୍ଯ୍ୟକ୍ରମ 'ତ୍ରିରଙ୍ଗା' ୨୮ରେ

**ବ୍ରହ୍ମପୁର ଅଫିସ,୨୪।୧:** ସାଂସ୍କୃତିକ ଅନୁଷ୍ଠାନ ଅନ୍ୱେଷା କଳାକେନ୍ଦ୍ର ଓ ଅଭିନୟ ଜଗତ ପକ୍ଷରୁ ଆସନ୍ତା ୨୮ରେ ଦେଶାତ୍ମବୋଧ ସାଂସ୍କୃତିକ କାର୍ଯ୍ୟକ୍ରମ 'ତ୍ରିରଙ୍ଗା' ଆୟୋଜିତ ହେବ । ଉତ୍କଳ ଆଶ୍ରମ ପରିସରରେ ଆୟୋଜିତ କାର୍ଯ୍ୟକ୍ରମରେ ସହରର ବିଭିନ୍ନ ସାଂସ୍କୃତିକ ଅନୁଷ୍ଠାନର ଶିଶୁ ତଥା କଳାକାରମାନେ ଦେଶାତ୍ମକବୋଧକ ନୃତ୍ୟ, ସଂଗୀତ ପରିବେଷିତ ହେବ । ଗୁରୁବାର ଏନେଇ ଅନୁଷ୍ଠିତ ପ୍ରସ୍ତୁତି ବୈଠକରେ ଅଭିନୟ ଜଗତର ସମ୍ପାଦକ ମିହିର ତ୍ରିପାଠୀ ଏହି ସୂଚନା ଦେଇଛନ୍ତି। ଏହି ବୈଠକରେ ଅନ୍ୱେଷା କଳାକେନ୍ଦ୍ର ସମ୍ପାଦିକା ଉଷାରାଣୀ ମହାପାତ୍ର ଓ ଅନୁଷ୍ଠାନର ସମସ୍ତ କର୍ମକର୍ତ୍ତା ଉପସ୍ଥିତ ଥିଲେ ।

## ଆସନ୍ତୁ ଓଡ଼ିଶାକୁ ପ୍ଲାଷ୍ଟିକ୍ ମୁକ୍ତ କରିବା



ଏହିଭଳି ଆଙ୍ଗୁଳି ମୁଦ୍ରାରେ ନିଜର ଫଟୋ/ ସେଲ୍‌ଫି ଉଠାଇ bmpselfie@gmail.com ରେ ଆମର ସେଲ୍‌ଫି କର୍ନରକୁ ପଠାନ୍ତୁ। ଏଥିସହ ଫଟୋକୁ ହ୍ୟାସ୍‌ଟ୍ୟାଗ୍ #PlasticFreeOdisha ଲଗାଇ @DharitriNews କୁ ଟ୍ୟାଗ୍ କରି ଆପଣଙ୍କର ସୋସିଆଲ ମିଡିଆ ପ୍ରୋଫାଇଲରେ ଶେୟାର କରନ୍ତୁ। ଆମ ଫେସ୍‌ବୁକ ପେଜ Dharitriକୁ ଲାଇକ୍ କରି ଏହି ବିପ୍ଳବରେ ସାମିଲ ହୁଅନ୍ତୁ।

## ସେଲ୍‌ଫି କର୍ଣ୍ଣର


→ ଅବାସ୍



→ କିତୁ

ସେଲ୍‌ଫି ଉଠାନ୍ତୁ ଆମପାଖକୁ ପଠାନ୍ତୁ | bmpselfie@gmail.com (ନିର୍ବାଚିତ ସେଲ୍‌ଫି ପ୍ରକାଶ ପାଇବ)

## ମେଗା ରକ୍ତଦାନ ଶିବିର, ୯୧ୟୁନିଟ୍ ସଂଗ୍ରହ


ରକ୍ତଦାନ ଶିବିରରେ ଯୋଗଦେଇଥିବା ଅତିଥିମାନେ ।

**ବ୍ରହ୍ମପୁର ଅଫିସ୍,୨୪।୧**

ଆଜାଦ୍ ହିନ୍ଦ୍ ବିକାଶ ସଂଘ ତରଫରୁ ବ୍ରହ୍ମପୁର ଫାଷ୍ଟଗେଟ୍ ନିକଟ ପାଣିଗ୍ରାହୀ ନଗରରେ ଏକ ମେଗା ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି । ମଧ୍ୟାହ୍ନ ସାଢ଼େ ୧୨ଟାରୁ ରାତି ୮ଟା ପର୍ଯ୍ୟନ୍ତ ରକ୍ତ ସଂଗ୍ରହ କରାଯାଇଥିଲା । ନେତାଜୀ ସୁଭାଷ ଚନ୍ଦ୍ର ବୋଷ ଏବଂ ବୀର ସୁରେନ୍ଦ୍ର ସାଏଙ୍କ ଜୟନ୍ତୀ ଅବସରରେ ଆୟୋଜିତ ଶିବିରରେ ମୋଟ ୯୧ୟୁନିଟ୍ ରକ୍ତ ସଂଗୃହୀତ ହୋଇଛି। ମୁଖ୍ୟଅତିଥି ଭାବେ ବ୍ରହ୍ମପୁର ବିଧାୟକ ଡା. ରମେଶଚନ୍ଦ୍ର ଚ୍ୟାଉପଟ୍ଟନାୟକ ଏହାକୁ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ପୂର୍ବତନ କେନ୍ଦ୍ରମନ୍ତ୍ରୀ ଚନ୍ଦ୍ରଶେଖର ସାହୁ, ବିଡିଏ ଅଧ୍ୟକ୍ଷ ସୁବାସ ଚନ୍ଦ୍ର ମହାରଣା, ଯୁବ ନେତା ବିକ୍ରମ ପଣ୍ଡା ଏବଂ ଚିନ୍ମୟାନନ୍ଦ ମହାରାଜ୍, ଜିଲା ଯୁବ ବିଜେଡ଼ି ସଭାପତି ଏନ୍.ଧନଞ୍ଜୟ ରାଓ, ଜିଲା କଂଗ୍ରେସ କମିଟି କାର୍ଯ୍ୟକାରୀ ସଭାପତି ପୀତବାସ ପଣ୍ଡା ପ୍ରମୁଖ ଯୋଗ ଦେଇଥିଲେ । ସଂଘ ସଭାପତି ନୀଳାଞ୍ଚଳ ବିଷୋୟୀ, ସମ୍ପାଦକ ରାଜେଶ କୁମାର ପଟ୍ଟନାୟକ, ସହସମ୍ପାଦକ ସନ୍ଦୀପ ପାତ୍ରଙ୍କ ସମେତ ସମସ୍ତ ସଦସ୍ୟ ଶିବିରକୁ ପରିଚାଳନା କରିଥିଲେ।

## ଏସ୍‌ଏମ୍ ପବ୍ଲିକ ସ୍କୁଲର ନେତାଜୀ ଜୟନ୍ତୀ

**ବ୍ରହ୍ମପୁର ଅଫିସ,୨୪।୧**

ପାଲୁରହିଲସ୍ଥିତ ନିଷ୍ଠ ଅଧିନସ୍ଥ ଏସଏମ୍ ପବ୍ଲିକ ସ୍କୁଲ ପରିସରରେ ନେତାଜୀ ଜୟନ୍ତୀ ଉତ୍ସବ ବୁଧବାର ପାଳିତ ହୋଇଯାଇଛି। ନିଷ୍ଠ ପ୍ରଶାସନିକ ଅଧିକାରୀ ଡ. କେ. ପ୍ରେମେଶ୍ୱର ରାଓ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ । ନେତାଜୀଙ୍କ ଜୀବନ ଆଦର୍ଶ, ଚିନ୍ତାଧାରା ଉପରେ ମୁଖ୍ୟଅତିଥି ଆଲୋକପାତ କରିଥିଲେ । ଏହି ଅବସରରେ ଛାତ୍ରୀଛାତ୍ରଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା ଆୟୋଜନ କରାଯାଇ ପୁରସ୍କୃତ କରାଯାଇଥିଲା । ସୁଷମା ନାୟକ, ଲତା ମହାରଣା, ଅଜିତ ସାମଲ, ଶିବାଞ୍ଜନୀ ସାହୁ, ସୁଶାନ୍ତ ପ୍ରଧାନ, ଲିଜା ନାୟକ, ଏମ୍. ଜୟଶ୍ରୀ, ରେବତୀ ନାୟକ, ଆଶାଲତା ବିଷୋୟୀ, ପ୍ରଶାନ୍ତ ମହାରଣା ଓ ୱାଇ ଭବାନୀ ପ୍ରମୁଖ ପରିଚାଳନା କରିଥିଲେ । ସ୍ନେହଲତା ପାତ୍ର, ସୁପ୍ରିୟା ରଥ, ଜୀ. ଲକ୍ଷ୍ମୀ, ସୁନୀଲ ନାୟକ ଓ ରବୀନ୍ଦ୍ର ବେହେରା ପ୍ରମୁଖ ସହଯୋଗ କରିଥିଲେ ।


କୃତୀ ପ୍ରତିଯୋଗୀଙ୍କ ସହ ଅତିଥି ବୃନ୍ଦ।

## କନ୍ୟାସନ୍ତାନ ସମାଜର ଅମୂଲ୍ୟ ରତ୍ନ

**ବ୍ରହ୍ମପୁର ଅଫିସ,୨୪।୧**

ସ୍ୱେଚ୍ଛାସେବୀ ଅନୁଷ୍ଠାନ ଜାତନା ଓ ସାମାଜିକ ଅନୁଷ୍ଠାନ ସମ୍ପର୍କ ମାସ ମିଡିଆ ପକ୍ଷରୁ ଜାତୀୟ କନ୍ୟା ସନ୍ତାନ ଦିବସ ଗୁରୁବାର ସନ୍ଧ୍ୟା ୭ଟାରେ ପାଳିତ ହୋଇଯାଇଛି। ଏସଏମଆଇଟି ସମ୍ମିଳନୀ କକ୍ଷରେ ଆୟୋଜିତ କାର୍ଯ୍ୟକ୍ରମକୁ ବ୍ରହ୍ମପୁର ବିଧାୟକ ଡା. ରମେଶ ଚନ୍ଦ୍ର ଚ୍ୟାଉପଟ୍ଟନାୟକ ମୁଖ୍ୟଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ସୋନାଲି ଗନ୍ତାୟତଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ରାଜ୍ୟ ବିଜେଡି ଉପସଭାପତି ତଥା ପୂର୍ବତନ କେନ୍ଦ୍ରମନ୍ତ୍ରୀ ଚନ୍ଦ୍ରଶେଖର ସାହୁ, ରାଜ୍ୟ ବିଜେଡି ସମ୍ପାଦକ ବିକ୍ରମ ପଣ୍ଡା, ବିଜେଡି ମହିଳା ସଭାନେତ୍ରୀ ସଙ୍ଘମିତ୍ରା ଦଳାଇ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ଭଗବାନ ଗନ୍ତାୟତ, ଜାମୁଲା ଶଙ୍କର ନାରାୟଣ, ପ୍ରମୋଦ ପଣ୍ଡା ପ୍ରମୁଖ ମଞ୍ଚାସୀନ ଥିଲେ । କନ୍ୟା ସନ୍ତାନ ସମାଜର ଏକ ରତ୍ନ । ଏକ ସୁସ୍ଥ ସମାଜ ତଥା ଉନ୍ନତ ସମାଜ ଗଠନରେ ମହିଳାଙ୍କ ଭୂମିକା ଗୁରୁତ୍ୱ ପୂର୍ଣ୍ଣ । କନ୍ୟା ଶିଶୁ ମୃତ୍ୟୁହାର ତଥା କନ୍ୟାଭ୍ରୁଣ ହତ୍ୟାକୁ ରୋକିବା ନେଇ ସରକାରଙ୍କ ପକ୍ଷରୁ ମଧ ବିଭିନ୍ନ ସଚେତନତା କାର୍ଯ୍ୟକ୍ରମ ହାତକୁ ନିଆଯାଇଥିବା ମୁଖ୍ୟଅତିଥି ବିଧାୟକ ସୂଚାଇଥିଲେ । ବିଜେଡି ମହିଳା ସଭାନେତ୍ରୀ ଦଳାଇ ଦିବସ ପାଳନର ଗୁରୁତ୍ୱ ଉପରେ ଆଲୋକପାତ କରିବା ସହ କନ୍ୟା ସନ୍ତାନ ତଥା ମହିଳାଙ୍କ ସମାଜ ପ୍ରତି ଥିବା ଦାୟିତ୍ୱ ଉପରେ ଆଲୋକପାତ କରିଥିଲେ । ଏହି ଅବସରରେ ସମାଜର ବିକାଶ କ୍ଷେତ୍ରରେ କାର୍ଯ୍ୟ କରୁଥିବା ସମ୍ମାନିତ ଅତିଥି ସଙ୍ଘମିତ୍ରା ଦଳାଇଙ୍କ ସମେତ ମନୋରମା ଦଳାଇ, ସୋନାଲି ସାବତ, ପ୍ରଜ୍ଞା ପଣ୍ଡା ଓ ରଞ୍ଜିତାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ଏଥିସହ ପ୍ରତିଭାଶାଳୀ ୨୦ ଜଣ ଯୁବତୀ ତଥା ଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା । ଏଥିରେ ଅନୁଷ୍ଠାନର ସମସ୍ତ କର୍ମକର୍ତ୍ତା ସହଯୋଗ କରିଥିଲେ ।


ମଞ୍ଚାସୀନ ଅତିଥି ।

### ଜାତୀୟ କନ୍ୟା ସନ୍ତାନ ଦିବସ

# ବିଦ୍ୟାଳୟର ବାର୍ଷିକ ଉତ୍ସବ

ଆସିକା,୨୪।୧(ଡି.ଏନ୍.ଏ.): ଆସିକା ଏନଏସି ମଧ୍ୟ ଇଂରାଜୀ ବିଦ୍ୟାଳୟର ବାର୍ଷିକ ଉତ୍ସବ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ପ୍ରଧାନଶିକ୍ଷକ ପ୍ରଦୀପ କୁମାର ହୋତା ଅଧ୍ୟକ୍ଷତା କରିଥିଲେ। ବିଧାୟକ ଦେବରାଜ ମହାନ୍ତି ମୁଖ୍ୟ ଅତିଥି ଓ ଅମଲା ସଂଘ ରାଜ୍ୟ ସଂପାଦକ ପ୍ରସନ୍ନ କୁମାର ତ୍ରିପାଠୀ ମୁଖ୍ୟବକ୍ତା ରୂପେ ଯୋଗଦେଇଥିଲେ। ଏବିଓ ଦୀପକ କୁମାର ମହନ୍ତ, ପୂର୍ବତନ କାଉନସିଲର ପ୍ରମୋଦ କୁମାର ତ୍ରିପାଠୀ, ପ୍ରଧାନ ଶିକ୍ଷକ ରମେଶ ଚନ୍ଦ୍ର ବିଶ୍ୱାଳ ପ୍ରମୁଖ ସମ୍ମାନିତ ଅତିଥି ରୂପେ ଯୋଗଦେଇଥିଲେ। ଉତ୍ତମ କ୍ରୀଡା କୌଶଳ ଲାଗି ଚନ୍ଦନ ସେଠୀ ଓ ଶ୍ରେଷ୍ଠ ଛାତ୍ରୀଭାବେ ସୋନାଲି ବେହେରା ଓ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ପ୍ରଦୀପ କୁମାର ଶତପଥୀ, ସୁରେନ୍ଦ୍ରନାଥ ପଟ୍ଟନାୟକ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।




## ଛାତ୍ରୀଙ୍କୁ ଅପହରଣ ଅଭିଯୋଗ, ମାମଲା ରୁଜୁ

ଦିଗପହଣ୍ଡି,୨୪।୧(ଡି.ଏନ.ଏ.)

ଦିଗପହଣ୍ଡି ଥାନା ଅଞ୍ଚଳର ଜଣେ ଯୁବକ୍ତ ୨ ଛାତ୍ରୀଙ୍କୁ ଅପହରଣ କରାଯାଇଥିବା ଅଭିଯୋଗ ହୋଇଛି। ମଙ୍ଗଳବାର ସନ୍ଧ୍ୟାରେ ଛାତ୍ରୀ ଜଣକ ପୋଖରୀକୁ ଶୌଚ ପାଇଁ ଯାଇଥିବା ବେଳେ କେହି ତାଙ୍କୁ ଅପହରଣ କରି ନେଇଥିବା ପରିବାର ଲୋକେ ପୋଲିସକୁ କହିଛନ୍ତି। ଗୁରୁବାର ଛାତ୍ରୀଙ୍କ ବାପା ଏ ନେଇ ଦିଗପହଣ୍ଡି ଥାନାରେ ଏତଲା ଦେଇଛନ୍ତି। ପୋଲିସ ନଂ.୧୪/୧୯ରେ ଏକ ମାମଲା ରୁଜୁ କରିଛି। ଅପହରଣକାରୀ କିମ୍ବା ଅପହୃତାଙ୍କ ସମ୍ପର୍କରେ କୌଣସି ସୂଚନା ମିଳିନି।

## ୨ ଅଭିଯୁକ୍ତ କୋର୍ଟ ଚାଲାଣ

ଦିଗପହଣ୍ଡି,୨୪।୧(ଡି.ଏନ.ଏ.)

ଦିଗପହଣ୍ଡି ପୋଲିସ ଗୁରୁବାର ଭୀଷ୍ମଗିରି ଗ୍ରାମର ୨ ଜଣଙ୍କୁ ଜାମିନ ବିହୀନ ୱାରେଣ୍ଟ ବଳରେ ଗିରଫ କରିଛି। ସେମାନେ ହେଲେ ମିଟୁ ମହାନ୍ତି ଏବଂ ବିଶ୍ୱନାଥ ବେହେରା। ମିଟୁଙ୍କ ନାଁରେ ମାମଲା ନଂ ଜିଆର ୨୭୨/୧୧ ଏବଂ ବିଶ୍ୱନାଥଙ୍କ ନାଁରେ ମାମଲା ନଂ ଜିଆର ୩୪୨/୧୫ ଅନୁଯାୟୀ ଦିଗପହଣ୍ଡି କୋର୍ଟ ପକ୍ଷରୁ ୱାରେଣ୍ଟ ଜାରି କରାଯାଇଥିଲା। ଅପରାହ୍ନରେ ଉଭୟଙ୍କୁ କୋର୍ଟଚାଲାଣ କରାଯାଇଥିଲା। ଜାମିନ ନାମଞ୍ଜୁର ହେବାରୁ ସେମାନଙ୍କୁ ଜେଲ ହାଜତକୁ ପଠାଇ ଦିଆଯାଇଛି।

## ଭାଜପାର ଜନ ପରାମର୍ଶ ପଦଯାତ୍ରା

କୁକୁଡାଖଣ୍ଡି,୨୪।୧(ଡି.ଏନ.ଏ.)

କୁକୁଡାଖଣ୍ଡି ବ୍ଲକ ଲାଠି ପଞ୍ଚାୟତରେ ଭାଜପାର ଜନ ପରାମର୍ଶ ପଦଯାତ୍ରା ଅନୁଷ୍ଠିତ ହୋଇଯାଇଛି। ରାଜ୍ୟ କୃଷକ ମୋର୍ଚ୍ଚା କାର୍ଯ୍ୟକାରିଣୀ ସଦସ୍ୟ ଉତ୍ତମ କୁମାର ପାଣିଗ୍ରାହୀଙ୍କ ଆହ୍ୱାନକ୍ରମେ ଶତାଧିକ କର୍ମୀ ଓ ଜନସାଧାରଣ ଯୋଗଦେଇଥିଲେ। ସନ୍ତୋଷ ସାହୁ, କୁଞ୍ଜ ବିହାରୀ ପଣ୍ଡା, ଗଜେନ୍ଦ୍ର ଚୌଧୁରୀ, ଶିବାନି ସାହୁ, ବନଜା ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ। ଲାଠି ଗ୍ରାମ ମହାଦେବ ମନ୍ଦିର ପ୍ରାଙ୍ଗଣରେ ସଭାର ଆୟୋଜିତ ହୋଇଥିଲା। ସମସ୍ତେ ଏକତ୍ରିତ ହୋଇ ଗ୍ରାମର ସାହିସାହି ପରିକ୍ରମା କରିଥିଲେ। ରାଜ୍ୟ ସରକାରଙ୍କ ବିରୋଧରେ ନାରାବାଜି ସହ ଭାଜପାରେ ସାମିଲ ହେବାକୁ ଆହ୍ୱାନ ଦେଇଥିଲେ।







For Institutional and Bulk Sales please write to Kolkata@heromotocorp.com

ଅଥରାଇଜ୍ଡ ଡିଲର: ବ୍ରହ୍ମପୁର: ଲକ୍ଷ୍ମୀ ହୀରୋ – 7799766350. ଶ୍ରୀ କାଳେଶ୍ୱର ହୀରୋ – 7799766372. ଜୟପୁର: ସୁପ୍ରିମ ହୀରୋ – 7799766340. ଫୁଲବାଣୀ: ନାରାୟଣୀ ହୀରୋ – 7799766373. ରାୟଗଡ଼ା: ଅଜିତ ହୀରୋ – 7799766358. ଅଥରାଇଜ୍ଡ ସର୍ଭିସ୍ ସେଣ୍ଟର: ଆସିକା: ଅଶୋକ ମୋଟର୍ସ – 273226. ପାରଳାଖେମୁଣ୍ଡି: ପ୍ରୀତମ ଏଣ୍ଟରପ୍ରାଇଜ – 224656. ମାଲକାନଗିରି: କନିଷ୍କ ଅଟୋମୋବାଇଲ୍ସ – 9437181980, 230514. ନବରଙ୍ଗପୁର: ଅରୁଣ ସେଲ୍ସ ଆଣ୍ଡ ସର୍ଭିସ – 223970. ସିମିଳିଗୁଡା: କେ.ପି.ଏଣ୍ଟରପ୍ରାଇଜ – 225222. ଦେବଗଡ଼ : ଜିନ୍ଦଲ ମୋଟର୍ସ : 9337774624.